Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ପ୍ରତୀକ
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ
The Utkal Samachar
www.theutkalsamachar.com
ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Address:Qrs No-B/204,
Sec-16,Rkl, Mob:9439951525,
Email: utkalsamachar@gmail.com

✦Vol - 19✦ Issue No:245✦9 January 2024 (Tuesday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୪୫✦୯ ଜାନୁଆରୀ ୨୦୨୪ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ବୁଲେଟ୍ ଟ୍ରେନ୍ ପାଇଁ ଜମି ଅଧିଗ୍ରହଣ ସଂପୂର୍ଣ୍ଣ

ସୂଚନା ଦେଲେ ରେଳମନ୍ତ୍ରୀ



ଅହମ୍ମଦାବାଦ, ୮/୧: ଗୁଜୁରାଟ, ମହାରାଷ୍ଟ୍ର ଏବଂ ଦାବରା ଓ ନଗର ହାଭେଲିରେ କାର୍ଯ୍ୟକାରୀ ହେଉଥିବା ବୁଲେଟ୍ ଟ୍ରେନ ପ୍ରକଳ୍ପ (ମୁମ୍ବାଇ-ଅହମ୍ମଦାବାଦ ରେଳ କରିଡର) ପାଇଁ ଜମି ଅଧିଗ୍ରହଣ ସଂପୂର୍ଣ୍ଣ କରିଛି ନ୍ୟାସନାଲ ହାଇସ୍ପିଡ୍ ରେଲ୍ କର୍ପୋରେସନ୍ ଲିମିଟେଡ (ଏନ୍.ଏଚ୍.ଏସ୍.ଆରସି.ଏଲ୍) । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋସିଆଲ ମିଡିଆ ସାଇଟ୍ 'ଏକ୍ସ'ରେ ଜମି ଅଧିଗ୍ରହଣର ସ୍ଥିତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ସମ୍ପୂର୍ଣ୍ଣ ୧୩୮.୯୪୯ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି । ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ ହାଇସ୍ପିଡ୍ ରେଳ ଲାଇନ୍ ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ପାଇଁ ସମସ୍ତ ସିଭିଲ କଟ୍ରାକ୍ଟ ଗୁଜରାଟ ଏବଂ ମହାରାଷ୍ଟ୍ର ପାଇଁ ଦିଆଯାଇଥିବା ବେଳେ ୨୬୮ କିଲୋମିଟର ପିଅର କାଙ୍କ୍ରି ଓ ୧୨୦ କିଲୋମିଟର ଗିରଡର ଲଜିଂଙ୍ଗ କାମ ଆରମ୍ଭ ହୋଇଛି । ଜାପାନୀ ଏମଏଚଏସଆର କରିଡର ଟ୍ରାକ୍ ସିଷ୍ଟମ ପାଇଁ ସୁରତ ଏବଂ ଆନନ୍ଦରେ ପ୍ରଥମ ଡିନଫୋସର୍ ଜଂକ୍ରିଟ (ଆରସି) ଟ୍ରାକ୍ ବେଡ୍ ବିଛାଇବା ଆରମ୍ଭ ହୋଇଛି । ଭାରତରେ ପ୍ରଥମ ଥର ପାଇଁ ଜେ-ସ୍ଲାବ୍ ଲେସ୍ ଟ୍ରାକ୍ ସିଷ୍ଟମ୍ ବ୍ୟବହାର କରାଯାଉଛି ।ଗୁଜୁରାଟର ଭାଲସାଡ ଜିଲ୍ଲାର ଜାରୋଲି ଗାଁ ନିକଟରେ ଅବସ୍ଥିତ ୩୫୦ ମିଟର ଲମ୍ବ ଏବଂ ୧୨.୬ ମିଟର ବ୍ୟାସ ବିଶିଷ୍ଟ ପହାଡ଼ି ଟନେଲ ମାତ୍ର ୧୦ ମାସ ମଧ୍ୟରେ ଶେଷ ହୋଇଛି ବୋଲି ଏନଏଚଏସଆରସିଏଲ କହିଛି । ସୁରତର ୫୩ ନମ୍ବର ଜାତୀୟ ରାଜପଥରେ ୭୦ ମିଟର ଲମ୍ବ ଓ ୬୭୩ ମେଟ୍ରିକ୍ ଟନ୍ ଓଜନର ପ୍ରଥମ ଇଷ୍ପାତ ସେତୁ ନିର୍ମାଣ ହୋଇଥିବା ବେଳେ ୨୮ଟି ପୋଲ ମଧ୍ୟରୁ ୧୬ଟି ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ରହିଛି ।

ମାଳଦ୍ୱୀପ ବିବାଦ:

ସ୍ପଷ୍ଟିକରଣ ଦେବାକୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟରେ ହାଜର ହେଲେ ମାଳଦ୍ୱୀପର ହାଇ କମିଶନର

ନୂଆଦିଲ୍ଲୀ, ୮/୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଳଦ୍ୱୀପ ଗସ୍ତ ଉପରେ ଦିଆଯାଇଥିବା ଆପତ୍ତିଜନକ ଟିପ୍ପଣୀ ମାଳଦ୍ୱୀପ ଉପରେ ଭାରି ପଡ଼ିଛି । ସୋସିଆଲ ମିଡ଼ିଆରେ ମାଳଦ୍ୱୀପ ବୟକଟ୍ ଟ୍ରେଣ୍ଡ କରୁଛି । ଏହି ପରିପ୍ରେକ୍ଷୀରେ ମାଳଦ୍ୱୀପ ସରକାର ୩ ମନ୍ତ୍ରୀଙ୍କୁ ବରିବାର ନିଲମ୍ବିତ କରିଥିଲା । ପରେ ଏକ ଅନଲାଇନ୍ ଟ୍ରାଭେଲ କମ୍ପାନୀ ଦ୍ୱାରା ମାଳଦ୍ୱୀପ ପାଇଁ ସମସ୍ତ ଫ୍ଲାଇଟର ବୁକିଂ ରଦ୍ଦ କରିଦିଆ ଯାଇଥିଲା । ବର୍ତମାନ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଥିବା ସମ୍ପର୍କରେ ଚିନ୍ତିତ। ଗନେଇବାରେ ଲାଗିଛି । ଏଥିମଧ୍ୟରେ ଭାରତ ସରକାର ମାଳଦ୍ୱୀପର ହାଇ କମିଶନରଙ୍କୁ ଡକାଇଥିଲେ । ପରେ ମାଳଦ୍ୱୀପର ହାଇ କମିଶନର ଇବ୍ରାହିମ ଶାହୀଦ୍ ୩ ଜଣ ନିଲମ୍ବିତ ମନ୍ତ୍ରୀଙ୍କ ସହ ସ୍ପଷ୍ଟିକରଣ ଦେବା ପାଇଁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପହଞ୍ଚି ଥିଲେ । ତେବେ କିଛି ସମୟ ପରେ ସେଠାରୁ ଚାଲି ଆସିଥିଲେ । ପ୍ରଧାନମନ୍ତ୍ରୀଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସୋସିଆଲ ମିଡ଼ିଆରେ ତିଆ ବ୍ୟକ୍ତ କରିଛି ।

ମାଳଦ୍ୱୀପ ପାଇଁ ବୁକିଂ ବନ୍ଦ କରି ଲାକ୍ଷାଦ୍ୱୀପ ପାଇଁ ନୂଆ ପ୍ୟାକେଜ୍ ଲଞ୍ଚ କଲା ଭାରତୀୟ ଟ୍ରାଭେଲ ଏଜେନ୍ସି

ନୂଆଦିଲ୍ଲୀ, ୮/୧: ଭାରତ ଓ ମାଳଦ୍ୱୀପ ମଧ୍ୟରେ ବିବାଦର ପ୍ରଭାବ ଏବେ ପର୍ଯ୍ୟଟକଙ୍କ ଉପରେ ମଧ୍ୟ ଦେଖିବାକୁ ମିଳୁଛି । ଭାରତୀୟ ଟ୍ରାଭେଲ କମ୍ପାନୀମାନେ ଏବେ ମାଳଦ୍ୱୀପର ବୁକିଂ ବାତିଲ କରୁଛନ୍ତି ଏବଂ ପର୍ଯ୍ୟଟକମାନଙ୍କୁ ଲାକ୍ଷାଦ୍ୱୀପ ଯିବାକୁ ପ୍ରେରଣା ଦେଉଛନ୍ତି । ଏଥିପାଇଁ ଟ୍ରାଭେଲ୍ କମ୍ପାନିଗୁଡ଼ିକ ଲାକ୍ଷାଦ୍ୱୀପ ଯିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ମଧ୍ୟ ଆରମ୍ଭ କରିଛନ୍ତି ।ଦେଶର ଦ୍ୱିତୀୟ ବୃହତ୍ତମ ଟ୍ରାଭେଲ ପୋର୍ଟାଲ ଇକ୍ସ ମାଇଟ୍ରିପର ସହ ପ୍ରତିଷ୍ଠାତା ପ୍ରଶାନ୍ତ ପିଟି ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି କହିଛନ୍ତି, 'ଆମ କମ୍ପାନୀ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଏବଂ ମେଡ୍ ଇନ୍ ଇଣ୍ଡିଆ । ମାଳଦ୍ୱୀପ ସହ ସର୍ବତମ ବିବାଦ ପରେ ଆମେ ଆମ ଦେଶ ଏବଂ ସରକାରଙ୍କ ସହ ଛିଡ଼ା ହୋଇଛୁ । ତେଣୁ ଆମେ ଭାରତୀୟମାନଙ୍କୁ ବିଦେଶ ଗସ୍ତ ପରିବର୍ତ୍ତେ ଭାରତ ଆସିବାକୁ ନିବେଦନ କରୁଛୁ । ପ୍ରଶାନ୍ତ କହିଛନ୍ତି, ମାଳଦ୍ୱୀପକୁ ଆସୁଥିବା ଲୋକଙ୍କ ମଧ୍ୟରୁ ସର୍ବାଧିକ ଭାରତୀୟ ଅଛନ୍ତି । କେବଳ ଆମ ପୋର୍ଟାଲ ଗତବର୍ଷ ମୋଟ ୮,୦୦୦ କୋଟି ଟଙ୍କାର ବ୍ୟବସାୟ କରିଥିଲା । ଏହାର ଏକ ବଡ଼ ଅଂଶ ମାଳଦ୍ୱୀପରେ ବୁଲୁଥିବା ଲୋକଙ୍କଠାରୁ ମଧ୍ୟ ଆସିଥିଲା । କିନ୍ତୁ ସର୍ବତମ ବିବାଦ ପରେ ଆମେ

ଲଗାଣ ବର୍ଷାରେ ବେହାଲ ତାମିଲନାଡୁ

ସ୍କୁଲ, କଲେଜ ଛୁଟି ଘୋଷଣା

ଚେନ୍ନାଇ , ୮/୧: ତାମିଲନାଡୁରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି । ଜିଛି ଦିନର ଲଗାଣ ବର୍ଷାରେ ପୁରା ବେହାଲ ହୋଇପଡିଛି ତାମିଲନାଡୁର ଏକାଧିକ ଜିଲ୍ଲା । ମୁଖ୍ୟତଃ ରାଜଧାନୀ ଚେନ୍ନାଇରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । ପୁରା ସହର ଜଳମଗ୍ନ ହୋଇପଡିଛି । ରାସ୍ତାଘାଟ , ଘରଦ୍ୱାର ସବୁଠି ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି । ଫଳରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ବର୍ଷାକୁ ଆଖି ଆଗରେ ରଖି ଅନେକ ଜିଲ୍ଲାରେ ପ୍ରଶାସନ ପକ୍ଷରୁ ସ୍କୁଲ ଓ କଲେଜ ଛୁଟି ଘୋଷଣା କରାଯାଇଛି । ନାଗାପାଟିନମ୍, ତିରୁଭେଲୁର ତାଲୁକ, ତିରୁପୁରମ ଏବଂ କୁଡାଲୋର ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । କେନ୍ଦ୍ରଶାସିତ ଅଞ୍ଚଳ ପୁଦୁଚେରୀରେ ମଧ୍ୟ ପ୍ରବଳ ବର୍ଷା ରେକର୍ଡ ହୋଇଛି । ଏସବୁ ଅଞ୍ଚଳରେ ସମସ୍ତ ସ୍କୁଲ ଓ କଲେଜ ଛୁଟି ଘୋଷଣା କରାଯାଇଛି । ସେପଟେ ଆସନ୍ତା ସାତ ଦିନ ପର୍ଯ୍ୟନ୍ତ ତାମିଲନାଡୁର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ଆଇଏମଡି ।

ଶପଥ ନେବାର ୧୦ଦିନ ପରେ ଉପନିର୍ବାଚନରେ ହାରିଗଲେ ମନ୍ତ୍ରୀ

ନୂଆଦିଲ୍ଲୀ, ୮/୧: ୧୦ଦିନ ପୂର୍ବରୁ ରାଜସ୍ଥାନରେ ସୁରେନ୍ଦ୍ର ପାଲ ସିଂ ଶପଥ ନେଇଥିଲେ । ହେଲେ ୧୦ ଦିନ ପରେ ହୋଇଥିବା ଉପ-ନିର୍ବାଚନରେ ୧୨ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ ହୋଇଛନ୍ତି । କରଣପୁର ଆସନ ପାଇଁ ହୋଇଥିବା ଉପ-ନିର୍ବାଚନରେ କଂଗ୍ରେସ ବାଜି ମାରି ନେଇଛି । ପରାଜୟ ପରେ ବିଜେପି କହିଛି ଏହି ପରାଜୟ ବିଜେପି ସରକାର ଉପରେ କୌଣସି ପ୍ରଭାବ ପକାଇବନାହିଁ । ସୂଚନା ଅନୁସାରେ ୨୦୨୩ ରାଜସ୍ଥାନ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ପ୍ରାର୍ଥୀ ଗୁରମିତ ସିଂ କୁନରଙ୍କର ପରଲୋକ ଘଟିଥିଲା । ଯାହାପରେ କରଣପୁର ଆସନରେ ନିର୍ବାଚନକୁ ସ୍ଥଗିତ ରଖାଯାଇ ଏହି ଆସନରେ ଉପ-ନିର୍ବାଚନ ପାଇଁ ଘୋଷଣା ହୋଇଥିଲା । ବିଜେପି ପକ୍ଷରୁ ଭଜନଲାଲ ସରକାର ମନ୍ତ୍ରୀ ଭାବେ ଶପଥ ନେଇଥିବା ସୁରେନ୍ଦ୍ର ପାଲ ସିଂ ମୈଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସ ଗୁରମିତଙ୍କ ପୁଅ ରୂପିନ୍ଦରଙ୍କୁ ପ୍ରାର୍ଥୀ କରିଥିଲା । ଯିଏ ବିଜେପି ପ୍ରାର୍ଥୀଙ୍କୁ ମାତ୍ର ଦେଢ ବଢ ବିଜୟ ହାସଲ କରିଛନ୍ତି । ରୂପିନ୍ଦରଙ୍କ ବିଜୟ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଅଶୋକ ଗେହଲଟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆନ୍ଦୋଳନରୁ ଓହରିବ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ: ସଭାପତିଙ୍କ ସୂଚନା

ଭୁବନେଶ୍ୱର, ୮/୧ (ଜି/ପ୍ର); ଆନ୍ଦୋଳନରୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ । ଏନେଇ ପରିବହନ ଶ୍ରମିକ ମହାସଂଘର ସଭାପତି ଜନାର୍ଦ୍ଦନ ପତି ସୂଚନା ଦେଇଛନ୍ତି । ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିବା ନିଷ୍ପତ୍ତି ନିଆଯାଇଛି । ସୂଚନା ଥାଉକି, ଭାରତୀୟ ନ୍ୟାୟ ସଂହିତା ୨୦୨୩ରେ ଗାଡ଼ି ଚାଳକଙ୍କ ପାଇଁ ଥିବା ଦଣ୍ଡବିଧାନକୁ ବିରୋଧ କରି ଏହି ଧର୍ମଘଟର ଡାକରା ଦିଆଯାଇଥିଲା । କାରଣ ଏଇଟା ଶ୍ରମିକମାନଙ୍କ ବେକରେ ଫାଶୀ ଲଗାଇଲା ଭଳି ହୋଇଛି ବୋଲି ଗତକାଲି ଜନାର୍ଦ୍ଦନ ପତି କହିଥିଲେ । ତେବେ କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପ୍ରତ୍ୟାଖ୍ୟାନ କରିଛନ୍ତି । ଏଣୁ ଏହାକୁ ବିରୋଧ କରି ଆଜିଠାରୁ ଆନ୍ଦୋଳନର ଡାକରା ଦିଆଯାଇଥିଲା । ହଜାର ହଜାର ଶ୍ରମିକ ଆଜି ସକାଳ ୬ଟାରୁ ରାଜ୍ୟର ୪ଟି ଡିପୋ ସମ୍ମୁଖରେ ଆନ୍ଦୋଳନ କରିଥିଲେ । ଫଳରେ ପେଟ୍ରୋଲ, ଡିଜେଲ ପରିବହନ ବାଧାପ୍ରାପ୍ତ ହୋଇଥିଲା । ଏହାପରେ ମୁଖ୍ୟ ଶାସନ ସଚିବ ପ୍ରବୀପ କୁମାରଙ୍କ ଅନୁରୋଧ କ୍ରମେ ଡ୍ରାଇଭର ଓଡ଼ିଶା ପରିବହନ ଶ୍ରମିକ ମହାସଂଘର ୫ ଜଣିଆ ଟିମ୍ ରାଜ୍ୟ ସଚିବାଳୟରେ ଆଲୋଚନା ନିମନ୍ତେ ପହଞ୍ଚି ଥିଲେ । ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ, ପରିବହନ କମିଶନରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଦୀର୍ଘ ସମୟର ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି । ଏଠାରେ କହି ରଖୁ ଯେ, କେନ୍ଦ୍ର ସରକାର ନିଜସ୍ତରେ ୩ ନୂଆ ଅପରାଧିକ ଆଇନ ପ୍ରଣୟନ କରିଛନ୍ତି । ଯଦି କୌଣସି ଟ୍ରକ୍ କିମ୍ବା ଡମ୍ପର ଡ୍ରାଇଭର କାହା ଉପରେ ଗାଡ଼ି ମାଡ଼ କରନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତା'ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ମିଳିବ । ଏଥିସହ ସେମାନଙ୍କୁ ୭ ଲକ୍ଷ ଟଙ୍କା କରିମାନା ମଧ୍ୟ ଦେବାକୁ ପଡିବ । ତେବେ ପୂର୍ବରୁ ଯେଉଁ ଆଇନ୍ ଥିଲା ସେଥିରେ ହିଟ୍ ? ଆଣ୍ଡ ରନ୍ ମାମଲାରେ ଫସିଥିବା ଡ୍ରାଇଭରଙ୍କୁ ବେଶ୍ ଅଳ୍ପ ଦିନ ମଧ୍ୟରେ ଜାମିନ ମିଳି ଯାଉଥିଲା । ଆଉ ତୁଲ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା । ତେବେ କେନ୍ଦ୍ର ସରକାରଙ୍କ ଏହି ହିଟ ଆଣ୍ଡ ରନ ନୂଆ ଆଇନକୁ ନେଇ ଡ୍ରାଇଭର ଓ ପରିବହନ ଶ୍ରମିକ ସଙ୍ଘ ବିରୋଧ କରିଛନ୍ତି ।

ପଚଂମ ଥର ପ୍ରଧାନମନ୍ତ୍ରୀ ହେବେ ଶେଖ୍ ହାସିନା

ନୂଆଦିଲ୍ଲୀ, ୮/୧: ପଚଂମ ଥର ପାଇଁ ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି ଶେଖ୍ ହାସିନା। ୭୬ ବର୍ଷୀୟ ହାସିନା ଖୁଜେଦ ପୁଣି ଥରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ଗାଦିରେ ବସିବାକୁ ଯାଉଛନ୍ତି । ବାଂଲାଦେଶର ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନପି) ଦ୍ୱାରା ନିର୍ବାଚନକୁ ବହିଷ୍କାର କରାଯିବା ସତ୍ତ୍ୱେ ଗତକାଲି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ୫୦ ପ୍ରତିଶତରୁ ଅଧିକ ଆସନରେ ହାସିନାଙ୍କ ଆୱାମୀ ଲିଗ୍ ବିଜୟ ହୋଇଛି । ବାଂଲାଦେଶ ନିର୍ବାଚନ ଆୟୋଗ ଗତକାଲି ବିଳମ୍ବିତ ରାତିରେ ଏନେଇ ଘୋଷଣା କରିବା ପରେ ହାସିନା ଟଂମ ଥର ପାଇଁ ସରକାର ଗଢିବା ସ୍ପଷ୍ଟ ହୋଇଛି । ଆୱାମୀ ଲିଗ୍ ମୁଖ୍ୟ ଶେଖ୍ ହାସିନା ଗୋପାଳଗଞ୍ଜ-୩ ନିର୍ବାଚନମଣ୍ଡଳୀରୁ ଅଷ୍ଟମ ଥର ପାଇଁ ସଂସଦକୁ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ଶେଖ୍ ହାସିନା ୧୯୯୬ରୁ ୨୦୦୧ ମସିହା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୦୮ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି ।

ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ

ଭବାନୀପାଟଣା, ୮/୧ (ଜି/ଗ): ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ବିଜେଡିର ପୂର୍ବତନ ବିଧାୟକ ବଳଭଦ୍ର ମାଝୀ । ସେ ତାଙ୍କର ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ଲଗାତାର ଭାବରେ ୧୯୯୦ ମସିହାରୁ ବଳଭଦ୍ର ମାଝୀ ଲାଞ୍ଜିଗଡ଼ ବିଧାନସଭାରୁ ୫ଥର ନିର୍ବାଚିତ ହୋଇଥିଲେ । ହେଲେ ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେଇନଥିଲା । ଟିକେଟ କଟିବା ପରେ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ତାପରେ ବି ସେ ବିଜେଡିରେ ସକ୍ରିୟ ଥିଲେ । ହେଲେ ଦଳରେ ଅବହେଳାର ଶିକାର ହୋଇଥିବା କାରଣରୁ ବଳଭଦ୍ର ମାଝୀ ବିଜେଡିରୁ ଇସ୍ତଫା ଦେଇଥିବା ଜଣାଯାଇଛି । ସେ କଂଗ୍ରେସରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଛି ।

ଝାରସୁଗୁଡ଼ା ଜିଲ୍ଲା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଝାରସୁଗୁଡ଼ା, ୮/୧: ଚୂଡାନ୍ତ ଭୋଟର ତାଲିକା ୨୦୨୪ ପ୍ରକାଶିତ ହୋଇଛି । ଚୂଡାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ଭୋଟର ସଂଖ୍ୟା ୪୩୯୧୩୬ ହୋଇଥିବା ବେଳେ ୨୨୦୫୧୫ ଜଣ ପୁରୁଷ , ୨୪୮୫୪୮ ଜଣ ମହିଳା ଓ ୭ମାଳଶ ତୃତୀୟ ଲିଙ୍ଗ । ୦୬ - ବୁରବାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦୯୦୮୪ ଜଣ ପୁରୁଷ ଭୋଟର, ୧୦୫୩୩୫ ଜଣ ମହିଳା ଭୋଟର ଓ ୧୫ଜଣ ତୃତୀୟ ଲିଙ୍ଗ ଭୋଟର । ସେହିପରି ୦୭ - ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ସଂଖ୍ୟା ୧୧୧୪୩୧,ମହିଳା ଭୋଟର ସଂଖ୍ୟା ୧୧୩୭୧୩ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୫୮ ।

ଆବଶ୍ୟକ
The Utkal Samachar
www.theutkalsamachar.com
ଦୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Adress:Qrs No:B/204,
Sec-16,Rourkela
Mob:9692048008
email-utkalsamachar@gmail.com

କେନ୍ଦୁଝର ସମାଚାର
A.R. KHAN
ARMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax : (06767) 255816
Email: utkalsamachar@gmail.com, Mob: 9437086122

ଗାୟକ ଯୁଗଜ୍ୟୋତି ଡକ୍ଟର ଧୀରେନ ମହାନ୍ତି ଙ୍କୁ ମାର୍କଣ୍ଡେୟ ବାହିନୀପତି ପ୍ରତିଭା ସମ୍ମାନ

କେନ୍ଦୁଝର,ର/୧(ନି/ପ୍ର): କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ପାଲା ଗାୟକ ଡକ୍ଟର ଧୀରେନ ମହାନ୍ତିଙ୍କୁ ଜଗତସିଂହପୁର ଜିଲ୍ଲାର ଓରିଲୋ ସ୍ଥିତ ଶିଶୁଅନନ୍ତ ଆଶ୍ରମ ପରିସରରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପଲଗାୟକ ପରିଷଦ ଓଡ଼ିଶାର ୪୬ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଗାୟକ ବିଶାରଦ ମାର୍କଣ୍ଡେୟ ବାହିନୀପତି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଡକ୍ଟର ମହାନ୍ତି ପୂର୍ବରୁ ଓଡ଼ିଶାର ବିଭିନ୍ନ ମଂଚରେ ନିଜର ପାଲା ଗାୟନ ମାଧ୍ୟମରେ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରୁ ଗାୟକ ଜ୍ଞାନମୂର୍ତ୍ତି, ଗାୟକ ମହାତ୍ମା, ଗାୟକ ବିଦ୍ୟା ବାଚସ୍ପତି, ଗାୟକ ଭାସ୍କର, ଏବଂ ଗାୟକ ଯୁଗଜ୍ୟୋତି ପରି ଅନେକ ଉପାଧି ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପ୍ରକାଶ ଥାଉକି ପାଲା ମାଧ୍ୟମରେ ଲୋକସଂସ୍କୃତି ଓ ଲୋକ କଳାକୁ ଉଦଜୀବିତ କରି ରଖିବାରେ ଡକ୍ଟର ମହାନ୍ତିଙ୍କର ପ୍ରମୁଖ ଅବଦାନ ରହିଛି। ହଜି ଯାଉଥିବା ପାଲାକୁ ଗ୍ରାମ ଗ୍ରାମରେ ପରିବେଷଣ କରି ତଥା ଓଡ଼ିଆ ଭାଷା ସାହିତ୍ୟ ଓ ଭାଷା ସଂସ୍କୃତି କୁ ଜନ ମାନସରେ ପଂଚାଇବା ପାଇଁ ଡକ୍ଟର ମହାନ୍ତିଙ୍କ ପ୍ରୟାସ ଅତୁଳନୀୟ। ଓଡ଼ିଶାର ପାରମ୍ପରିକ ଶସ୍ତ୍ରୀୟ ନାଟକ ପାଲା ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଓ ସୁରକ୍ଷା କରି ସମାଜ ପାଇଁ ଏକ ବଳିଷ୍ଠ ଉଦାହରଣ ପଲକିଥିବା ଡକ୍ଟର ମହାନ୍ତି ଓଡ଼ିଶାର ପାଲାଗାୟକ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। କେନ୍ଦୁଝର ଜିଲାର ନରଶପୁର ଗ୍ରାମରେ ଜନ୍ମିତ ଡକ୍ଟର ମହାନ୍ତି ପିଲାଟି ଦିନରୁ ପାଲା ପ୍ରତି ଆକୃଷ୍ଟ ହୋଇ ଓଡ଼ିଆ ଭାଷାର ଉନ୍ନତି ଦିଗରେ ପ୍ରୟାସ ଜାରି ରଖୁଥିଲେ। ବାଣୀବିହାର ରୁ ଓଡ଼ିଆରେ ସ୍ନାତକୋତ୍ତର କରିବା ପରେ ସେ ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ । ଏହା ସହିତ ସେ ପାଲା ଗାୟନ ମାଧ୍ୟମରେ ସାରା ରାଜ୍ୟରେ ପ୍ରତିଷ୍ଠିତ ଗାୟକ ଙ୍କ ଭିତରେ ସ୍ଥାନିତ ହୋଇ ପାରିଛନ୍ତି। ଶିଶୁ ଅନନ୍ତ ଆଶ୍ରମ ପରିସରରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପଲଗାୟକ ପରିଷଦର ସଭାପତି ମଦନ ମୋହନ ଜେନା, ମାର୍ଗଦର୍ଶକ ବାବା ବଳିଆ, ସାଧାରଣ ସମ୍ପାଦକ ବସନ୍ତ କୁମାର ରାଉତ, ଦୃଷ୍ଟବୋର୍ଦ୍ଦନ ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା, ରାଜ୍ୟ ପାଲା ଗାୟକ ସମ୍ପାଦକ ସୁଦର୍ଶନ ମହାପାତ୍ର ପ୍ରମୁଖ ଡକ୍ଟର ମହାନ୍ତିଙ୍କୁ ଏହି ଉପାଧିରେ ସମ୍ମାନୀତ କରିଛନ୍ତି।

ଟ୍ରଲି ଉପରେ ପ୍ରସବ କଲେ ଗର୍ଭବତୀ

ପାରାବୀପ,ର/୧(ନି/ପ୍ର): ପୁଣି ଆସିଲା ହୃଦୟ ବିଦାରକ ଦୃଶ୍ୟ । ଶୁଣିଲେ ନାହିଁ କେହି, ଆଉ ମଝି ରାସ୍ତାରେ ପ୍ରସବ କଲେ ମହିଳା, ତାପୁଣି ଏକ ଟ୍ରଲି ଉପରେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବନ୍ଦର ନଗରୀ ପାରାବୀପରେ। ନିକଟସ୍ଥ ସଣ୍ଡଲୁଡ ଅଂଚଳରୁ ଏକ ଟ୍ରଲିରେ ଆସୁଥିବା ମହିଳା ପ୍ରସବ ବେଦନା ସହି ନପାରି ଟ୍ରଲି ଉପରେ ହିଁ ଜନ୍ମ କରିବେଲେ ଏକ କନ୍ୟା ସନ୍ତାନ। ହାଡ଼ ଭଙ୍ଗା ଶୀତରୁ ଏପରେ ପ୍ରସବର ଅସହ୍ୟ ବେଦନା। ରାସ୍ତା ଉପରେ ଚିତ୍କାର ଶୁଣି କେବେଳେ ସ୍ଥାନୀୟ ମହିଳା ଆସିଲେ ଆଉ ଲୁଆ ଯୋଡ଼ାଇ ଦେବାରୁ ଜନ୍ମହେଲା ଏକକନ୍ୟା ସନ୍ତାନ।

ଉତ୍କଳ ସମାଚାର
THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16, ROURKELA , PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com

ଶ୍ରୀରାମ ମନ୍ଦିର ନିର୍ମାଣରେ ଲାଗିଛନ୍ତି ନୀଳଗିରିର ଶତାଧିକ ଶିଳ୍ପୀ

ନୀଳଗିରି,ର/୧(ନି/ପ୍ର): ନିହାଣ ମୁନରେ ନିର୍ଜୀବ ପଥରକୁ ଜୀବନ ଦେବାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ବଡଜଗଡ଼ିଆ ଗ୍ରାମର ପଥରଶିଳ୍ପୀଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଗ୍ରାମର ଶତାଧିକ ଶିଳ୍ପୀ କେବଳ ରାଜ୍ୟ ନୁହେଁ, ରାଜ୍ୟ ବାହାରେ ମଧ୍ୟ ନିଜ କଳାର ପ୍ରଦର୍ଶନ କରି ସୁନାମ ଅର୍ଜନ କରିଛନ୍ତି। ଅଯୋଧ୍ୟାରେ ନିର୍ମାଣ ହେଉଥିବା ରାମଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣରେ ମଧ୍ୟ ବଡଜଗଡ଼ିଆର ଶତାଧିକ ଶିଳ୍ପୀ ଲାଗିଛନ୍ତି। ନୀଳଗିରି ଉପଖଣ୍ଡ ଖିପସା ବ୍ଲକ୍ ବଡଜଗଡ଼ିଆ ଗ୍ରାମକୁ ପଥରଶିଳ୍ପୀଙ୍କ କାରଖାନା ବୋଲି କୁହାଯାଏ । ଯେଉଁଠାରେ ରହିଛି ପଥର ମୂର୍ତ୍ତି ତାଲିମ କେନ୍ଦ୍ର। ୧୯୭୯ ମସିହାରୁ ଏହି କେନ୍ଦ୍ରରେ ଶତାଧିକ ଯୁବକ ପଥର ମୂର୍ତ୍ତି ନିର୍ମାଣ କୌଶଳ ଶିଖି ବିଶ୍ୱରେ ବହୁ ସ୍ଥାନରେ ନିଜର ପାରଦର୍ଶିତା ଦର୍ଶାଇ ଆସିଛନ୍ତି। ଗ୍ରାମର ପୁରତ ମହାରଣୀ ଓ କାର୍ଜିନ ମହାରଣୀ ବୁଲଭାଇ ଲାଗିଛନ୍ତି ମନ୍ଦିରର ପାର୍ଶ୍ୱ ଦେବାଦେବୀ ନିର୍ମାଣରେ। ଉକ୍ତ ବୁଲଭାଇଙ୍କ ଅଧୀନରେ ଗ୍ରାମର ୫୦ ଜଣ ଶିଳ୍ପୀ କାମ କରୁଛନ୍ତି। ଗ୍ରାମର ଗୌତମ ମହୁଆଳ ମଧ୍ୟ ବହୁଦିନ ଧରି ସେଠାରେ କାର୍ଯ୍ୟରତ। କିଛିଦିନ ତଳେ ମା'ଙ୍କ ଦେହାନ୍ତ ଖବର ପାଇ ଘରକୁ ଆସିଥିବା ବେଳେ ବଣାହ କାମ ସାରି ପୁଣି ମନ୍ଦିର ନିର୍ମାଣ କାମକୁ ଫେରିଛନ୍ତି।

ବ୍ରାହ୍ମୀ ଇନଷ୍ଟିଚ୍ୟୁଟ ଅଫ ଚିଲଡ଼ରେନ ର ସଫଳତା

କେନ୍ଦୁଝର,ର/୧(ନି/ପ୍ର):ଆବାସସ ଓ ବୈଦିକ ଗଣିତ ଶିକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ଏକ ଅଗ୍ରଣୀ ଅନୁଷ୍ଠାନ ବ୍ରାହ୍ମୀ ଇନଷ୍ଟିଚ୍ୟୁଟ ଅଫ ଚିଲଡ଼ରେନ ଭୁବନେଶ୍ୱରସ୍ଥ ଆଶାନୀ ଆବାକାଶ ସଂସ୍ଥା ସହିତ ଅନୁବନ୍ଧିତ ହୋଇ ଶିକ୍ଷ୍ୟ ଦାନରେ ଏକ ଉଦାହରଣ ପାଲଟି ଯାଇଥିବା ବେଳେ ଗତ ସାତ ତାରିଖ ରେ ଭୁବନେଶ୍ୱର ସିଥିଲାଏସଟି ଜ୍ୟାମସ ରେ ଆଶାନୀ ଆବାକାଶ ର ବାର୍ଷିକ ଉତ୍ସବ ରେ ୨୦୨୩-୨୪ ବର୍ଷ ର ଶ୍ରେଷ୍ଠ ଅନୁଷ୍ଠାନ ଭାବେ ବ୍ରାହ୍ମୀ ଇନଷ୍ଟିଚ୍ୟୁଟ ଅଫ ଚିଲଡ଼ରେନ

କେନ୍ଦୁଝର କୁ ପୁରସ୍କୃତ କରାଯାଇଛି ,ଅନୁଷ୍ଠାନ ର ନିର୍ଦ୍ଦେଶକ ଙ୍କ ଅମରବର ଖଟୁଆ ,ନିର୍ଦ୍ଦେଶୀକା ଶ୍ରୀମତୀ ଗୀତାଞ୍ଜାଳୀ ରାଉତ ଆଶାନୀଆବାକାଶ ପରିବାର କୁ କୃତଜ୍ଞତା ଜ୍ଞାପନ କରିଛନ୍ତି /ବ୍ରାହ୍ମୀ ଇନଷ୍ଟିଚ୍ୟୁଟ ଅଫ ଚିଲଡ଼ରେନ ର ୧୭ ଜଣ ଛାତ୍ର ଛାତ୍ରୀ ପ୍ରାନ୍ତୀୟ ପ୍ରତିଯୋଗିତା ରେ ଭାଗ ନେଇଥିବାବେଳେ ସାଇନିଜାନଶ୍ମ ମହାନ୍ତ ,ସମରଥ ସିଂ ଭାଟିଆ ସୁପର ଚମ୍ପିୟାନ ,ବାଶ୍ରିତା ମଙ୍ଗରାଜ ,ବ୍ୟୁତିଅର୍ନା ଦେବା ବର୍ଣ୍ଣିନୀ ,ଆବ୍ୟଖଶା ଶ ଜେନା ,ସାଇପ୍ରତିମ ପ୍ରକାଶ ମିଶ୍ର ଚମ୍ପିୟାନ ହୋଇଛନ୍ତି /ବୈଦିକ ଗଣିତ କ୍ଷେତ୍ର ରେ ଆୟୁଷ ଜେନା ଓ ପ୍ରୀତିପ୍ରଜ୍ଞାବାରିକ ସୁପର ଚମ୍ପିୟାନ ,ଆବାକସ ଓ ବୈଦିକ ଗଣିତ ରେ ଭଲରବ ବାରିକ ,ତାନଜି ମହାନ୍ତ ,ଆକୃତି ସୂତରିକା ସାହୁ ,ହିମନିସ ଓଝା ,ଅଶ୍ରୁଜାତୁ ବଳବନ୍ତରାୟ ,ସୌମ୍ୟଶ୍ରୀ ରଞ୍ଜନ ମହାନ୍ତ ,ପ୍ରଜିପ୍ତା ପ୍ରିୟଦର୍ଶିନୀ ରାଉତ ,ପ୍ରତ୍ୟୁଷ ରଞ୍ଜନ ରାଉତ ,ସାଇସ୍ମିତା ପରିଡା ପୁରସ୍କୃତ ହୋଇଥିଲେ , ଅଧକ୍ଷ ଶ୍ରୀମତୀ ସୀତା ନାୟକଙ୍କ ଆବାକାଶ ଶିକ୍ଷକ ସୁଦାମ ନାୟକ କାରଜ୍ୟଭ୍ରମ ପରିଚାଳନା କରିଥିଲେ ,ଅନୁଷ୍ଠାନ ର ସଫଳତା ପାଇଁ ଅଧକ୍ଷା ସୀତା ନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି

ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଲା ରାୟଗଡ଼ା ସହର

ରାୟଗଡ଼ା,ର/୧(ନି/ପ୍ର): ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଆରମ୍ଭ ୧୭ ତାରିଖ ଦିନ ଲୋକାର୍ପଣ ହେବ । ଶ୍ରୀ ଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାୟଗଡା ଜିଲାର କଳାନାରା ବ୍ଲକ କାର୍ଯ୍ୟକ୍ରମରେ ଅନୁପୂତିର ଜାତି, ଜନଜାତି କଲ୍ୟାଣ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ବିକାଶ, ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ଉପବେଷ୍ଟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯାଜନା ସୁଧୀର ଦାସ, ଜିଲ୍ଲାପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ଅଧକ୍ଷ ପଂଚାୟତ ସମିତି, ପଂଚାୟତ ପ୍ରତିନିଧି ପ୍ରମୁଖ ଯୋଗଦାନ କରି ପଚାଳା ଦେଖାଇ ଶୁଭାରମ୍ଭ କରିଥିଲେ । କୋଳନାରା ବ୍ଲକର ୫ଟି ରଥ ବୁଲି ଭବ୍ୟ ପରିବେଶ ମଧ୍ୟରେ ଚାଳକ ଗୁଣ୍ଡା ସଂଗ୍ରହ କରିବ । ରାୟଗଡା ବ୍ଲକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୂୟା ମାଝୀ, ବ୍ଲକ ଅଧକ୍ଷା ତୁନି ହୁଇକା, ଅନ୍ୟାନ୍ୟ ଜନପ୍ରତିନିଧି, କର୍ମଚାରୀ, ବିଡ଼ିଓ ଅମୁଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ରହି ରଥ ଉଦଘାଟନ କରିଥିଲେ । ରାୟଗଡ଼ା ବ୍ଲକରେ ୪ଟି ରଥ ପରିକ୍ରମା କରୁଛି ଓ ଏହା ଭବ୍ୟ ପରିବେଶ ସୃଷ୍ଟି କରୁଛି । ଏହା ସହିତ ଜିଲାର ଗୁଡାରି, ବିଷମକଟକ, ମୁନିଗୁଡ଼ା ରାମନାଗୁଡ଼ା, ଗୁଣ୍ଡୁପୁର, ପଦ୍ମପୁର, ଜାଣୀପୁର, କଲ୍ୟାଣସିଂପୁର ବ୍ଲକରେ ଆଜି ଭାବ୍ୟରଥ ପରିକ୍ରମା କରିଥିଲା ।ସମ୍ପୃକ୍ତ ବ୍ଲକ ଯୋଷୀ ଉନ୍ନୟନ ଅଧିକାରୀ, ଲୋକ ପ୍ରତିନିଧି ଓ ଜନସାଧାରଣଙ୍କର ଉପସ୍ଥିତିରେ ଭକ୍ତି ଭାବ, ଉତ୍ସାହର ସହିତ ରଥ ଘର ଘର ପରିକ୍ରମା କରିଛି । ଲୋକମାନେ ପୂଜାର୍ଚ୍ଚନା କରି ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରିଥିଲେ । ଜଳସରେ ଲୋକମାନେ ଚାଉଳ ଓ ଗୁଆ ପ୍ରଦାନ କରି ଶୁଭ ମନାସିଛନ୍ତି ।

ରେଳଧାରଣାରୁ ଅଜଣା ଲୋକଙ୍କ ମୃତଦେହ ଠାବ

ନୂଆପଡ଼ା,ର/୧(ନି/ପ୍ର): ବିଶାଖାପାଟଣା – ରାୟପୁର ରେଲୱେଲାଇନ ଟ୍ରାକରୁ ଏକ ଅଜଣା ଶବ ଠା ହୋଇଛି । ନୂଆପଡ଼ା ରେଳଷ୍ଟେସନରୁ ୩କିମି ଦୂରରେ ଅବସ୍ଥିତ ଚଲରା ଗାଁ ନିକଟର ରେଲୱେଲାଇନ ଟ୍ରାକରେ ଅଜଣା ଶବ ପଡ଼ି ରହିଥିବା ନେଇ ସ୍ଥାନୀୟ ଲୋକେ ଦେଖି ଭୟଭୀତ ହୋଇଥିଲେ । ପରେ ସେମାନେ ନୂଆପଡା ପୁଲିସକୁ ଖବର ଦେବା ପରେ ନୂଆପଡ଼ା ସଦର ପୁଲିସ ଘଟଣାସ୍ଥଳରେ ପହଂଚିଥିଲେ । ଏହାପରେ ରେଳବାଇ ପୁଲିସକୁ ଖବର ଦିଆଯାଇଛି । ବିଳମ୍ବରେ ରେଳବାଇର ପୁଲିସର ଜଣେ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଶବ ଜବି ରହିଥିବା ଜଣା ପଡ଼ିଛି । ଦିନ ୧୨ଟା ଯାଏ ମୃତକଙ୍କର ପରିଚୟ ଜଣା ପଡ଼ିନାହିଁ ।

ତୀର୍ଥଯାତ୍ରାରେ ବାହାରିଲେ ୨୨୬ ଜଣ ବରିଷ୍ଠ ନାଗରିକ

ଜଳେଶ୍ୱର,ର/୧(ନି/ପ୍ର): ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଗୁରୁବାର ବାଲେଶ୍ୱର ଜିଲ୍ଲାର ୨୨୬ ଜଣ ସାମିଲ ହୋଇ ଉଚ୍ଚେନ ଓଁକାରେଶ୍ୱରକୁ ଯାତ୍ରା ଆରମ୍ଭ କରିଛନ୍ତି । ଏହି ୨୨୬ ଜଣ ବରିଷ୍ଠ ନାଗରିକ ବିଭିନ୍ନ କୁଳ ଓ ପୌର ପ୍ରଶାସନ ସହାୟତାରେ ଗୁରୁବାର ଅପରାହ୍ନରେ ବାଲେଶ୍ୱରରେ ପହଂଚିଛନ୍ତି । ଏଠାରେ ପ୍ରଶାସନ ପକ୍ଷରୁ ଏହି ତୀର୍ଥ ଯାତ୍ରୀମାନଙ୍କୁ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିବା ବେଳେ ଶୁକ୍ରବାର ପୂର୍ବାହ୍ନ ୧୧ ଟା ସମୟରେ ସେମାନେ ଏକ ଟ୍ରେନରେ ସ୍ୱତନ୍ତ୍ର ଏଣ୍ଟର ଅଧିକାରୀଙ୍କ ସହାୟତାରେ ଗନ୍ତବ୍ୟ ସ୍ଥାନକୁ ଯାତ୍ରା କରିବେ । ୧୭୫ ଜଣ ଓ ଯାଜପୁର ଜିଲ୍ଲାରୁ ୧୭୮ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଭାବେ ସାମିଲ ହୋଇଛନ୍ତି

ସରକାରୀ ଯୋଜନାର ବିକଳ ଚିତ୍ର: ରାସ୍ତା ନଥିବାରୁ ଗାଁକୁ ପଶି ପାରିଲାନି ଆମ୍ବୁଲାନ୍ସ

ବଣପଲ୍ଲୀ,ର/୧(ନି/ପ୍ର): ଜିଜିଜିଟି ଅନ୍ଧାର ରାତି। ତାହାରି ମଧ୍ୟରେ ପ୍ରସବ ବେଦନା। ଗାଁକୁ ଯାତାୟତ ପାଇଁ ରାସ୍ତା ନଥିବାରୁ ପଶି ପାରିଲାନି ଆମ୍ବୁଲାନ୍ସ। ଶେଷରେ ଭାରାକରି ୧୦ କିମି ରାସ୍ତା ଆଣିବା ପରେ ଆମ୍ବୁଲାନ୍ସରେ ପ୍ରସୂତିଙ୍କୁ ବଣପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚାଇବା ପରେ ସୁରକ୍ଷିତ ଭାବେ ପ୍ରସବ ହେଇଛି। ନୟାଗଡ଼ ଜିଲ୍ଲା ବଣପଲ୍ଲୀ ବ୍ଲକର ଆଦିବାସୀ ଅଧୁଷିତ ଜଳସାଖମମ ଫଂଚାୟତର ସେଣ୍ଡାଳି ଗ୍ରାମରେ ଏଭଳି ବୟନୀୟ ଚିତ୍ର ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ଅଭିମନ୍ୟୁ ମାଝୀଙ୍କ ପତ୍ନୀ ବିତତୀ ମାଝୀ ରାତି ପ୍ରାୟ ୭ଟାରେ ପ୍ରସବ ବେଦନା ପାଇଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ହେଲେ ଗାଁକୁ ରାସ୍ତା ନଥିବା ହେତୁ ଗାଡ଼ି ଯାଇ ପାରି ନଥିଲା। ଶେଷରେ ପରିବାର ଲୋକ ଖଟିଆରେ ଭାରା କରି ପ୍ରାୟ ୧୦ କିମି ଖଜୁରୀ ଗୋଛା ଗ୍ରାମ ପର୍ଯ୍ୟନ୍ତ ଆଣିଥିଲେ। ଅଧା ବାଟରେ ଚାଲିଚାଲି ପହଂଚି ଆମ୍ବୁଲାନ୍ସ କର୍ମଚାରୀମାନେ ମଧ୍ୟ କାନ୍ଧ ଦେଇଥିଲେ। ଏହାପରେ ତାଙ୍କୁ ବଣପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଯିବାପରେ ସୁରକ୍ଷିତ ଭାବେ ପ୍ରସବ ହୋଇଥିଲା। ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ବେଳେ ଉଭୟ ସୁରକ୍ଷିତ ଥିବା ଜଣାପଡ଼ିଛି।

ଚିଲିକାରେ ମାଛଜାଲରେ ଫସିଗଲେ କେନ୍ଦ୍ର ମତ୍ସ୍ୟଚାଷ ମନ୍ତ୍ରୀ, ବିଳମ୍ବରେ ପହିଲେ ସାତପଡ଼ା

ବାଲୁଗାଁ,ର/୧(ନି/ପ୍ର): ମରାଳ ମାଳିନୀ 'ଚିଲିକା'ର ଜଳରାଶିରେ ରବିବାର ସନ୍ଧ୍ୟାରେ କେନ୍ଦ୍ର ମତ୍ସ୍ୟ, ପଶୁ ଏବଂ ଗୋପାଳନ ମନ୍ତ୍ରୀ ପାର୍ଷୋତ୍ତମ ରୂପାଲା ଫସିଛନ୍ତି। ବାଲୁଗାଁ ନିକଟ ବରକୁଳ ଠାରୁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ାକୁ ଜଳପଥରେ ଯିବା ସମୟରେ ସେ ବସିଥିବା ଡଙ୍ଗାଟି ମତ୍ସ୍ୟଜୀବୀଙ୍କ ଜାଲରେ ଛନ୍ଦି ହୋଇଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ଡଙ୍ଗା ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଅଟକି ରହିଥିଲା । ଫଳରେ ସେ ସାତପଡ଼ାକୁ ପହଂଚିବାରେ ବିଳମ୍ବ ହୋଇଥିଲା । ସୂଚନା ଅନୁସାରେ କେନ୍ଦ୍ରମନ୍ତ୍ରୀ ରୂପାଲା ଆଜି ବିନିକିଆ ଙ୍ଗାଳ ଓ ଖୋର୍ଦ୍ଧା ଗସ୍ତରେ ଥିଲେ।

'ସାଗର ପରିକ୍ରମା ପର୍ଯ୍ୟାୟ-୧୧'ର ସମୀକ୍ଷା କରିଥିଲେ। ଛତ୍ରପୁର ଉପକ୍ଷେତ୍ର ଗୋପାଳପୁର ବନ୍ଦର ପରିସରରେ ଥିବା ମତ୍ସ୍ୟ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ସେ ବାଲୁଗାଁରେ ମତ୍ସ୍ୟଜୀବୀମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହା ପରେ ପତ୍ନୀ, ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମିତ ପାତ୍ର ଓ ନିଜର ବ୍ୟକ୍ତିଗତ ସଚିବଙ୍କୁ ନେଇ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସାତପଡ଼ା ଅଭିମୁଖେ ବାହାରିଥିଲେ। ଅଧ ବାଟରେ ମନ୍ତ୍ରୀଙ୍କ ଡଙ୍ଗାଟି ମତ୍ସ୍ୟଜୀବୀଙ୍କ ଜାଲରେ ଫସି ଯାଇଥିଲା। ପରେ ଘଟଣାସ୍ଥଳରେ ଅନ୍ୟ ମତ୍ସ୍ୟଜୀବୀମାନେ ପହଂଚି ଡଙ୍ଗାକୁ ଉଦ୍ଧାର କରିଥିଲେ। ଶେଷରେ ମନ୍ତ୍ରୀଙ୍କ ଡଙ୍ଗା ପ୍ରାୟ ସାଢ଼େ ୮ଟାରେ ସାତପଡ଼ାରେ ପହଂଚିଥିଲା । ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ରୂପାଲା ସାଗର ପରିକ୍ରମା ଉଦ୍ଦେଶ୍ୟରେ ଚିଲିକା ଗସ୍ତ କରି ମତ୍ସ୍ୟଜୀବୀମାନଙ୍କ ସହିତ ବାର୍ତ୍ତା ସମୟ ଧରି ଆଲୋଚନା କରିଥିଲେ। ଏଥି ସହିତ ଚିଲିକା ମତ୍ସ୍ୟ ସମ୍ପଦ ଉପରେ ସମୀକ୍ଷା କରିଥିଲେ । ଏହି ଅବସରରେ ବାଲୁଗାଁ ଚିଲିକାକୂଳସ୍ଥିତ ନୂତନ ଜେଟି ଠାରେ କେନ୍ଦ୍ରମନ୍ତ୍ରୀ ଚିଲିକାରେ ମତ୍ସ ସମ୍ପଦର ହ୍ରାସ ହେବା ବିଷୟରେ ଖୋଲା ପୁଛାଣ କରିଥିଲେ। ଚିଲିକାରେ ଜାହିଁକି ମତ୍ସ୍ୟଜୀବୀମାନେ ହତାବର ହୋଇ ପଡିଛନ୍ତି ଓ ମତ୍ସ୍ୟ ସମ୍ପଦ କାହିଁକି ହ୍ରାସ ହେଉଛି ବୋଲି ପ୍ରଶ୍ନ କରିଥିଲେ। ସେହିପରି ସେ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମତ୍ସ୍ୟଜୀବୀଙ୍କ ପାଇଁ ଆସୁଥିବା ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ଓ ତାର ଉପଯୋଗ ବିଷୟରେ ପରାମର୍ଶ ଦେଇଥିଲେ। ମତ୍ସ୍ୟଜୀବୀଙ୍କ କିପରି ଉନ୍ନତି ହୋଇପାରିବ ସେ ବିଷୟରେ ଦିଗଦର୍ଶନ ଦେଇଥିଲେ। ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିଶ୍ୱକର୍ମା ଯୋଜନା ଓ କିଶାନ କ୍ରେଡିଟ କାର୍ଡ କିପରି ପାଇବେ ସେ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ବାଲୁଗାଁ ନିକଟସ୍ଥ ଲୋଦପୁରର ମତ୍ସ୍ୟଜୀବୀ ଜାର୍ଜିକ ବେହେରାଙ୍କ ଘରକୁ ଯାଇ ମଧ୍ୟାହ୍ନ ଭୋଜନ କରିଥିଲେ। ଗରିବ ଘରର ଖାଦ୍ୟ ଖାଇ କେନ୍ଦ୍ରମନ୍ତ୍ରୀ ଖୁବ ଆନନ

ବିବିଧା

ବାସନ୍ତୀ ଦୁର୍ଗାପୂଜା

ଶରତ ଋତୁରେ ଦେବୀ ଦୁର୍ଗାଙ୍କ ପୂଜା ହେଉଥିବା ବେଳେ ବସନ୍ତ ଋତୁରେ ବାସନ୍ତୀ ଦୁର୍ଗାପୂଜା ହେଉଥିବା ଦେଖାଯାଏ । ଏହି ପୂଜାର ଆରମ୍ଭ ଏବଂ ପ୍ରଚଳନ ବିଷୟରେ ଜାଣିବା ପୂର୍ବରୁ ଦେବୀ ଦୁର୍ଗାଙ୍କ ପରିଚୟ ଜାଣିବା ଆବଶ୍ୟକ । ଦେବୀ ଦୁର୍ଗା ଶକ୍ତିର ପ୍ରତୀକ । ସେ ଆଦ୍ୟଶକ୍ତି ଭାବେ ପରିଚିତ । ସେ ଶିବଙ୍କ ପତ୍ନୀ ଭାବେ ପୂଜିତ । ଦେବୀ ଦୁର୍ଗା ଦଶଭୁଜା ଭାବେ ପୂଜିତ । ସେ ସିଂହ ବାହିନୀ । ଦେବୀ ଦୁର୍ଗା ଦଶ ଦିନ ଧରି ମହିଷାସୁର ସହିତ ଯୁଦ୍ଧ କରି ଦଶମୀ ଦିନ ତାଙ୍କୁ ବଧ କରିଥିଲେ । ଏହି ଦିନ ଦେବୀ ଦୁର୍ଗା ବିଜୟା ଦଶମୀ ଭାବେ ପାଳିତ ହୁଏ । ଦେବୀ ଦୁର୍ଗା ଶରତ ଋତୁରେ ଆସିଥିବାରୁ ଏହାକୁ ଶରତ ଦୁର୍ଗାପୂଜା ବୋଲି କୁହାଯାଏ । ଶରତ ଦୁର୍ଗାପୂଜା ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦରୁ ଆରମ୍ଭ ହୋଇ ଦଶମୀ ଦିନ ସମାପ୍ତ ହୁଏ । ଶରତ ଦୁର୍ଗାପୂଜା ଦେବୀ ଦୁର୍ଗା ଶରତ ଋତୁରେ ଆସିଥିବାରୁ ଏହାକୁ ଶରତ ଦୁର୍ଗାପୂଜା ବୋଲି କୁହାଯାଏ । ଶରତ ଦୁର୍ଗାପୂଜା ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦରୁ ଆରମ୍ଭ ହୋଇ ଦଶମୀ ଦିନ ସମାପ୍ତ ହୁଏ । ଶରତ ଦୁର୍ଗାପୂଜା ଦେବୀ ଦୁର୍ଗା ଶରତ ଋତୁରେ ଆସିଥିବାରୁ ଏହାକୁ ଶରତ ଦୁର୍ଗାପୂଜା ବୋଲି କୁହାଯାଏ । ଶରତ ଦୁର୍ଗାପୂଜା ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦରୁ ଆରମ୍ଭ ହୋଇ ଦଶମୀ ଦିନ ସମାପ୍ତ ହୁଏ । ଶରତ ଦୁର୍ଗାପୂଜା ଦେବୀ ଦୁର୍ଗା ଶରତ ଋତୁରେ ଆସିଥିବାରୁ ଏହାକୁ ଶରତ ଦୁର୍ଗାପୂଜା ବୋଲି କୁହାଯାଏ । ଶରତ ଦୁର୍ଗାପୂଜା ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦରୁ ଆରମ୍ଭ ହୋଇ ଦଶମୀ ଦିନ ସମାପ୍ତ ହୁଏ । ଶରତ ଦୁର୍ଗାପୂଜା ଦେବୀ ଦୁର୍ଗା ଶରତ ଋତୁରେ ଆସିଥିବାରୁ ଏହାକୁ ଶରତ ଦୁର୍ଗାପୂଜା ବୋଲି କୁହାଯାଏ । ଶରତ ଦୁର୍ଗାପୂଜା ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦରୁ ଆରମ୍ଭ ହୋଇ ଦଶମୀ ଦିନ ସମାପ୍ତ ହୁଏ । ଶରତ ଦୁର୍ଗାପୂଜା ଦେବୀ ଦୁର୍ଗା ଶରତ ଋତୁରେ ଆସିଥିବାରୁ ଏହାକୁ ଶରତ ଦୁର୍ଗାପୂଜା ବୋଲି କୁହାଯାଏ । ଶରତ ଦୁର୍ଗାପୂଜା ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦରୁ ଆରମ୍ଭ ହୋଇ ଦଶମୀ ଦିନ ସମାପ୍ତ ହୁଏ ।

ପ୍ରାଚୀନକାହାଣୀ

ଆଜିକାଲି ଦିଲ୍ଲୀରେ ପୁରୁଣା ଜିନିଷର ଦୋକାନ ଖୁବ୍ ଚଳିତ । ଏପରି ଗୋଟିଏ ଦୋକାନରେ ଗତ ବର୍ଷ ମୁଁ ଗୋଟିଏ ଛୋଟ ଜିନିଷ କିଣିଥିଲି । ଜିନିଷଟି ଗୋଟିଏ ଛୋଟ ଗଣେଶ ମୂର୍ତ୍ତି । ଦୋକାନୀ ଜଣେ ବୃଦ୍ଧ ଥିଲେ । ସେ ମୋତେ ଜିଜ୍ଞାସା କଲେ, ଆପଣ ଏହି ଗଣେଶ ମୂର୍ତ୍ତିଟି କିଣିବେ କି ? ମୁଁ ମୁଣ୍ଡ ହଲାଇ ଦେଲି । ସେ ମୋତେ ଗଣେଶ ମୂର୍ତ୍ତିଟି ଦେଖାଇ କହିଲେ, ଏହା ଖୁବ୍ ପୁରୁଣା । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ । ଏହା ଦେଖିବା ପରେ ଆପଣ ଏହାକୁ ଚିହ୍ନିପାରିବେ ।

(ପ୍ରିୟାଙ୍କ ମେସେଜ୍ - ଦେଶର ଅନ୍ୟ ଅଂଶ)

ଗୌରବମୟ କାହାଣୀ

ଅଭିଶପ୍ତ ମହାରଥୀ

ଏହି ଅଭିଶପ୍ତ ମହାରଥୀ ଜଣେ ହେଉଛନ୍ତି ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧରେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ଅଧର୍ମ ପକ୍ଷରେ ଯୁଦ୍ଧ କରିଥିଲେ । ଏହି ଅଭିଶପ୍ତ ମହାରଥୀ ଜଣେ ହେଉଛନ୍ତି ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧରେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ଅଧର୍ମ ପକ୍ଷରେ ଯୁଦ୍ଧ କରିଥିଲେ । ଏହି ଅଭିଶପ୍ତ ମହାରଥୀ ଜଣେ ହେଉଛନ୍ତି ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧରେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ଅଧର୍ମ ପକ୍ଷରେ ଯୁଦ୍ଧ କରିଥିଲେ । ଏହି ଅଭିଶପ୍ତ ମହାରଥୀ ଜଣେ ହେଉଛନ୍ତି ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧରେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ଅଧର୍ମ ପକ୍ଷରେ ଯୁଦ୍ଧ କରିଥିଲେ । ଏହି ଅଭିଶପ୍ତ ମହାରଥୀ ଜଣେ ହେଉଛନ୍ତି ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧରେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ଅଧର୍ମ ପକ୍ଷରେ ଯୁଦ୍ଧ କରିଥିଲେ । ଏହି ଅଭିଶପ୍ତ ମହାରଥୀ ଜଣେ ହେଉଛନ୍ତି ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧରେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ଅଧର୍ମ ପକ୍ଷରେ ଯୁଦ୍ଧ କରିଥିଲେ ।

କାମଦା ଏକାଦଶୀ ମାହାତ୍ମ୍ୟ

ଚୈତ୍ର ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଏହି ବ୍ରତ ପାଳନ କରାଯାଏ । ଏହି ଦିନ ବିଷ୍ଣୁ ଭଗବାନଙ୍କ ପୂଜା କରାଯାଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।

ପୂଜାପାଠରେ ତମ୍ବାପାତ୍ର

ହିନ୍ଦୁ ଧର୍ମରେ ପୂଜାପାଠରେ ବିଭିନ୍ନ ପାତ୍ରର ବ୍ୟବହାର କରାଯାଏ । ତେବେ ଏହି ପାତ୍ର ମଧ୍ୟରେ ତମ୍ବା ପାତ୍ରର ବିଶେଷ ଗୁରୁତ୍ୱ ରହିଛି । ତମ୍ବା ପାତ୍ରରେ ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ତମ୍ବା ପାତ୍ରରେ ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ତମ୍ବା ପାତ୍ରରେ ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ତମ୍ବା ପାତ୍ରରେ ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ତମ୍ବା ପାତ୍ରରେ ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ତମ୍ବା ପାତ୍ରରେ ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।

ପ୍ରଶ୍ନୋତ୍ତର

୧. ଆମର ରାଷ୍ଟ୍ରପତି କି ଜଣେ ମହିଳା ?
୨. ଭାରତରେ ମୁଖ୍ୟ ଦେବତା କିଏ ?
୩. ଭାରତର ଜାତୀୟ ପକ୍ଷୀ ଓ ଜାତୀୟ ପଶୁ କିଏ ?
୪. ଜାତୀୟ ପତାକାର ମାନ କେତେ ?
୫. ଜାତୀୟ ଜାତୀୟ ସଙ୍ଗୀତ କେଉଁଟି ?

ଉତ୍ତର ଆସିବ ପରବର୍ତ୍ତୀ ସଂଖ୍ୟାରେ

୧) ଜଣେ ମହିଳା, ୨) ମହାଦେବ, ୩) ଅଶୋକ ସିଂହ ଚକ୍ର, ୪) ୨/୩, ୫) ଜନଗଣମନ

ଫୁଲ ସ୍ୱପ୍ନ ଦେଖିଲେ...

ମଣିଷ ଜୀବନରେ ସ୍ୱପ୍ନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ସ୍ୱପ୍ନ ଭିତରେ ଫୁଲ ଦେଖିବା ଏକ ଶୁଭ ସଙ୍କେତ ବୋଲି ବିଶ୍ୱାସ କରାଯାଏ । ଫୁଲ ଦେଖିବା ଦ୍ୱାରା ଆପଣଙ୍କ ଜୀବନରେ ଶୁଭ ଫଳ ଆସିଥାଏ । ଆପଣ ଫୁଲ ଦେଖିବା ଦ୍ୱାରା ଆପଣଙ୍କ ଜୀବନରେ ଶୁଭ ଫଳ ଆସିଥାଏ । ଆପଣ ଫୁଲ ଦେଖିବା ଦ୍ୱାରା ଆପଣଙ୍କ ଜୀବନରେ ଶୁଭ ଫଳ ଆସିଥାଏ । ଆପଣ ଫୁଲ ଦେଖିବା ଦ୍ୱାରା ଆପଣଙ୍କ ଜୀବନରେ ଶୁଭ ଫଳ ଆସିଥାଏ । ଆପଣ ଫୁଲ ଦେଖିବା ଦ୍ୱାରା ଆପଣଙ୍କ ଜୀବନରେ ଶୁଭ ଫଳ ଆସିଥାଏ । ଆପଣ ଫୁଲ ଦେଖିବା ଦ୍ୱାରା ଆପଣଙ୍କ ଜୀବନରେ ଶୁଭ ଫଳ ଆସିଥାଏ । ଆପଣ ଫୁଲ ଦେଖିବା ଦ୍ୱାରା ଆପଣଙ୍କ ଜୀବନରେ ଶୁଭ ଫଳ ଆସିଥାଏ ।

ହନୁମାନ ଜୟନ୍ତୀରେ କରନ୍ତୁ ଏହି ଉପାୟ



ଶ୍ରୀରାମଙ୍କ ପ୍ରେମିକ ଭକ୍ତ ହନୁମାନ । ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ ଚାଲିଥାଏ । ପୁରାଣ ଅନୁସାରେ, ହନୁମାନ ଜଣେ ପୁରାତନ ଜୀବନ୍ତ ଦେବତା, ଯେ ଚିରଞ୍ଜୀବୀ । ବିଶ୍ୱାସ କରାଯାଏ ଯେ ଏହି ଦିନ ଭକ୍ତି ସହକାରେ ହନୁମାନଙ୍କ ପୂଜା କରିଲେ ସମସ୍ତ କଷ୍ଟରୁ ମୁକ୍ତି ମିଳିଥାଏ ।

- ହନୁମାନ ଚାଳିଶା ପାଠ କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।
- ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।
- ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।
- ହନୁମାନ ଚାଳିଶା ପାଠ କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।
- ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।
- ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।
- ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ । ଏହି ଦିନ ଉପବାସ ରହି ପୂଜା କରିବା ଦ୍ୱାରା ବ୍ୟକ୍ତି ପାପ ମୁକ୍ତ ହୁଏ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୯ ଜାନୁଆରୀ ୨୦୨୫

ବନ୍ଧୁତ୍ୱ ଓ ବିବାଦ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନକୁ ଆଉ ମାତ୍ର ଗୋଟିଏ ସପ୍ତାହ ବାକି ଥିବା ବେଳେ ଭାରତ- ଆମେରିକା '୨+୨' ଦ୍ୱିପାକ୍ଷିକ ଆଲୋଚନାର ତୃତୀୟ ସଂଘଠନ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପର୍କ ଯେ ଅଧିକ ନିବିଡ଼ ହୋଇଛି, ଏହି ବୈଠକ ତାହା ଦର୍ଶାଇଛି । ସୂଚନାଯୋଗ୍ୟ ଯେ ଏହି ବୈଠକ ହେଉଛି ଏକ ବାର୍ଷିକ କାର୍ଯ୍ୟକ୍ରମ ଯେଉଁଥିରେ ଦୁଇ ରାଷ୍ଟ୍ରର ବିଦେଶ ଏବଂ ପ୍ରତିରକ୍ଷା ମନ୍ତ୍ରୀମାନେ ମିଳିତ ହୋଇ ଆନ୍ତର୍ଜାତିକ ସୁରକ୍ଷା ବ୍ୟାପାର ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥାନ୍ତି । ଚଳିତ ଥରର ବୈଠକ ଭାରତର ଲଦାଖ୍ ସୀମାରେ ଚୀନ୍‌ର ଖିଞ୍ଚପ୍ୟ ପ୍ରଦର୍ଶନ ପ୍ରେକ୍ଷାପଟ୍ଟରେ ଅନୁଷ୍ଠିତ ହୋଇ ଥିବାରୁ ତଥା ବର୍ତ୍ତମାନ ସମୟରେ ଚୀନ୍ ଉଭୟ ପକ୍ଷଙ୍କର ଚକ୍ଷୁଶୂଳ ହୋଇ ଥିବାରୁ, ଏହା ଉଭୟ ପକ୍ଷଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିବାକୁ ସୁଯୋଗ ପ୍ରଦାନ କରିଛି । ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା ଆରମ୍ଭରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚୀନ୍‌ର 'ବାୟିତ୍‌ହୁନ୍ନ ଆକ୍ରୋଶମୂଳକ ମନୋଭାବ ପ୍ରଦର୍ଶନ' ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହାଦ୍ୱାରା ସେ ସମ୍ବନ୍ଧର ପୂର୍ବ ଲଦାଖ୍‌ରେ ଚୀନ୍ ନେଇଥିବା ପଦକ୍ଷେପ ବିଫଳ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ । ତାଙ୍କର ଏପରି ସୂଚନା ନିଶ୍ଚିତ ଭାବରେ ଦେଶବାସୀଙ୍କର ନୈତିକ ମନୋବଳକୁ ବୃଦ୍ଧି କରିବ । ସଙ୍ଗେ ସଙ୍ଗେ ଏହା ଭାରତ ସହିତ ଆମେରିକାର ସମ୍ପର୍କ ଶତ୍ରୁ ପାଇଁ ଲାଡିପ୍ରଦ ହୋଇ ଥିବାରୁ ପୁଷ୍ଟି କରିଛି । ଆଉ ଏହାକୁ ଅଧିକ ପୁଷ୍ଟ କରିବା ନିମନ୍ତେ ଚୀନ୍ ଉପରେ ଖପ୍ପା ଆମେରିକାର ଷ୍ଟେଟ୍ ସେକ୍ରେଟାରୀ ମାଇକ୍ ପମ୍ପିଓ ବୈଠକ ଉପରାନ୍ତ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ଭାରତର 'ସାର୍ବଭୌମତ୍ୱ' ରକ୍ଷା କରିବା ନିମନ୍ତେ ଆମେରିକା ସବୁକିଛି କରିବ । ମଙ୍ଗଳବାରର ବୈଠକରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହୋଇଛି, ଯାହା ଆମେରିକା କୌଶସି ଦେଶ ସହିତ ନିବିଡ଼ ସମ୍ପର୍କ ପ୍ରତିଷ୍ଠା କରିବାର ସୂଚନା । ଏହା ହେଉଛି ଭୂ-ସ୍ଥାନିକ ସହଯୋଗ ନିମନ୍ତେ ଦେସିକ୍ ଏକ୍ସଚେଞ୍ଜ୍ ଆଣ୍ଡ୍ କୋଅପରେସନ୍ ଏଗ୍ରିମେଂଟ (ବିଇସିଏ), ଯାହା ଭାରତ ଏବଂ ଆମେରିକାର ପ୍ରତିରକ୍ଷା ବଳକ ମଧ୍ୟରେ ପାରସ୍ପରିକ ସମ୍ପର୍କ ଓ ସହଯୋଗକୁ ସୁଗମ କରାଇବ । ଏତଦ୍ ବ୍ୟତୀତ ଅନ୍ୟ କେତେକ ରାଜିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି ଯେଉଁଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ କୋଭିଡ୍-୧୯ ସହଯୋଗ, ଆମେରିକାରେ କୌଶଳପୂର୍ଣ୍ଣ ପେଟ୍ରୋଲିଅମ୍ ସଂରକ୍ଷଣାଗାର ନିର୍ମାଣ, ପରିପୋଷଣୀୟ ଶକ୍ତି, ମହାକାଶ, ସାଇବର ସ୍ପେଶ୍, ଆତଙ୍କବାଦ-ବିରୋଧୀ କାର୍ଯ୍ୟକ୍ରମ ଏବଂ ନିଶାଦ୍ରବ୍ୟ କାରବାର ବିରୋଧୀ ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତ । ବୈଠକ ପରେ ପ୍ରଦାନ କରାଯାଇଥିବା ମିଳିତ ବିବୃତିରେ ପାକିସ୍ଥାନ ପ୍ରତି ମଧ୍ୟ ବାର୍ତ୍ତା ପ୍ରଦାନ କରାଯାଇଛି । ନିଜ ମାଟିରେ ଏହାକୁ ସୀମାପାର ଆତଙ୍କବାଦୀ ଗୋଷ୍ଠୀମାନଙ୍କ ବିରୁଦ୍ଧରେ 'ତୁରନ୍ତ, ନିରବଚ୍ଛିନ୍ନ ତଥା ଫଳୋର' କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହିତ ୨୦୦୮ ମୁମ୍ବାଇ ଆକ୍ରମଣ ଏବଂ ୨୦୧୬ ଉରି ଓ ପଠାଣକୋଟ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ଆଇନାନୁସାରେ ଦଣ୍ଡିତ କରିବାକୁ ଉଭୟ ରାଷ୍ଟ୍ର କହିଛନ୍ତି । ମୋଟାମୋଟି ଗଣମାଧ୍ୟମକୁ ସୂଚନା ଦେଇ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ଏକ ବଳିଷ୍ଠ 'ରାଜନୀତିକ ସାମରିକ' ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ଥିଲା । ଚଳିତ ଥରର ବୈଠକ ଯେ ଚୀନ୍‌ର ବିସ୍ତାରବାଦୀ ନୀତି ଉପରେ ରୋକ୍ ଲଗାଇବା ପାଇଁ ସମ୍ପର୍କ ବୃଦ୍ଧି କରିବାର ମୂଳ ଲକ୍ଷ୍ୟ ନେଇ ଅନୁଷ୍ଠିତ ହୋଇଥିଲା, ତାହା ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାଇକ୍ ପମ୍ପିଓଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବାରିହୋଇ ପଡ଼ିଥିଲା । କାରଣ, ପମ୍ପିଓ ତାଙ୍କର ପ୍ରତ୍ୟେକଟି କଥାରେ ଚୀନ୍ ଚରମରୁ ସୃଷ୍ଟ ଆହ୍ୱାନଗୁଡ଼ିକ ତଥା 'ଚୀନ୍ କମ୍ୟୁନିଷ୍ଟ ପାର୍ଟି'ର ମୁକାବିଲା କରିବା ନିମନ୍ତେ ଏକ ବିରୋଧୀ ମେଟ୍ ଗଠନ କରିବା ସମ୍ପର୍କରେ କହୁଥିଲେ । ଏତଦ୍ ବ୍ୟତୀତ ସେ ଏଥିପାଇଁ ଆମେରିକା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଥିବା ସମ୍ପର୍କରେ ସୂଚନା ଦେଇଥିଲେ । କେବଳ ଭାରତରେ ନୁହେଁ, ଏହାପରେ ପମ୍ପିଓ ଗଣ୍ଡ କରିଥିବା ଜଳମେଘ ଏବଂ ମାଲେରେ ମଧ୍ୟ ବୁଧବାର ଦିନ ଚୀନ୍‌ର 'ବୃଦ୍ଧି ପାଉଥିବା ଆକ୍ରୋଶମୂଳକ ମନୋଭାବ ତଥା ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟକଳାପଗୁଡ଼ିକ' ସମ୍ବନ୍ଧରେ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଚୀନ୍‌ର 'ଖରାପ କାରବାର ଏବଂ ଭୂଭାଗ ଓ ସମୁଦ୍ରରେ ସାର୍ବଭୌମତ୍ୱ ଉଲ୍ଲଙ୍ଘନ'ର ବିରୋଧ କରିବା ସହିତ ବିକଳ୍ପ ବାହାର କରିବା ପ୍ରସଙ୍ଗ ଉଠାଇଛନ୍ତି । ସେ ଯାହାହେଉ, ଆମେରିକାର ନିର୍ବାଚନ ଫଳାଫଳ ପୂର୍ବରୁ ଆମେରିକୀୟ ପ୍ରତିନିଧିମାନଙ୍କ ସହିତ ଏହି ବୈଠକ ଭାରତ ପାଇଁ ଏକ ଦୃଷ୍ଟିଭୂ ଆଶ୍ୱାସନାମୂଳକ ହୋଇଛି ଯେ ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ନିର୍ବିଶେଷରେ ଦ୍ୱିପାକ୍ଷିକ ସମ୍ପର୍କର ମୂଳକୁଆ ପୂର୍ବାପେକ୍ଷା ଅଧିକ ବୃଦ୍ଧ ହୋଇଛି । ଯଦିଓ ନିର୍ବାଚନ ପରବର୍ତ୍ତୀ ଅନ୍ୟାନ୍ୟ ଦ୍ୱିପାକ୍ଷିକ ବାର୍ତ୍ତାଳାପ ବା କାରବାର ପାଇଁ କିଛି ସମୟ ଲାଗିବ, ତେବେ ସ୍ୱାକ୍ଷରିତ ହୋଇଥିବା ବିଇସିଏ ରାଜିନାମା ଭାରତର ପ୍ରତିରକ୍ଷା ଏବଂ ରଣକୌଶଳଗତ ସାମର୍ଥ୍ୟ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପୁନଶ୍ଚ, ଉପରୋକ୍ତ ଦ୍ୱିପାକ୍ଷିକ ଆଲୋଚନା କାଳରେ ଭାରତ ଚୀନ୍ ସମ୍ପର୍କରେ କୌଣସି ପ୍ରକାର ସମ୍ପର୍କ ଛିନ୍ନକାରୀ ମନ୍ତବ୍ୟ ପ୍ରଦାନରୁ ଦୂରେଇ ରହିଥିଲା, ଯାହା ପ୍ରକୃତ ନିୟନ୍ତ୍ରଣ ରେଖା ଏକ 'ଦ୍ୱିପାକ୍ଷିକ ପ୍ରସଙ୍ଗ' ବୋଲି ସୂଚାଇ ଦେବା ପାଇଁ ପର୍ଯ୍ୟାପ୍ତ ଥିଲା । ଏହା ମଧ୍ୟ ସୂଚନା ପ୍ରଦାନ କରିଛି ଯେ ଭାରତ ଯଦିଓ ଆମେରିକାର ସମର୍ଥନ, ସହଯୋଗ ଓ ସହାୟତାକୁ ସାଦରେ ସ୍ୱୀକାର କରିଛି, ତଥାପି ନିଜର ପଡ଼ୋଶୀମାନଙ୍କ ସହିତ ବିବାଦର ଏହା ନିଜେ ସମାଧାନ କରିବା ପାଇଁ କୌଶଳପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ବଜାୟ ରଖିବ, ଯାହା ଅବଶ୍ୟ ପ୍ରଶଂସାର୍ହ ।

ଉନବିଂଶର ପତ୍ରପତ୍ରିକାର ଅବଦାନ

ଡକ୍ଟର ମନୋରଞ୍ଜନ ବିଷୋୟୀ

'ଆଧୁନିକତା' ବହୁ ବିତର୍କର ବଳୟରେ ଆତ୍ମପ୍ରକାଶ କରିଥିବା ଏକ ଜଟିଳ ପ୍ରସଙ୍ଗ । ବିଶେଷ କରି ଆଧୁନିକତାକୁ ଆଲୋଚନା କରିବାକୁ ଗଲେ ବ୍ୟକ୍ତିକୁ ଅନେକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଊନବିଂଶର ଆବ୍ୟପାବରେ ଇଂରେଜମାନେ ଓଡ଼ିଶା ଅଧିକାର କରିଛନ୍ତି । ଇଂରେଜମାନଙ୍କ ଓଡ଼ିଶା ଅଧିକାର କରିବା ପରବର୍ତ୍ତୀ ସମୟରେ ଗତାନୁଗତିକ ଭାରତୀୟ ଏବଂ ସେହିଯୁଗର ଓଡ଼ିଆ ଚେତନାରେ ମଧ୍ୟ ଦେଖାଦେଇଛି ଏକ ଅଭିନବ ସମସ୍ୟା । ଓଡ଼ିଆ ସାମ୍ବାଦିକ ଜହିରାସଙ୍କୁ ଲକ୍ଷ୍ୟ କଲେ ଜଣାଯାଏ , ଜମିଜମା ବଣ୍ଟୋବସ୍ତର ପ୍ରବର୍ତ୍ତନ ଫଳରେ ସାମାଜିକ ଜୀବନରେ ଯେପରି ସମସ୍ୟା ସୃଷ୍ଟି ହୋଇଛି ଠିକ୍ ସେପରି ଆମ୍ଭ ପରିଚିତ ବା ଅସ୍ଥିରତେ ଆସିଛି ଏକ ନୂତନ ପ୍ରଶ୍ନବାଚୀ । ମଧ୍ୟବିତ୍ତ ଶ୍ରେଣୀର ଅଭ୍ୟୁଦୟ ଏବଂ ପରିବର୍ତ୍ତିତ ବିଶ୍ୱଚେତନା ସହ ସମନ୍ୱୟ ପରମ୍ପରାର ମଣିଷକୁ ଏକ ନୂଆ ମୋଡ଼ରେ ଠିଆ କରାଇଛି । ସାଧାରଣଭାବେ ଆଧୁନିକତାକୁ ପାଶ୍ଚାତ୍ୟ ଚେତନା ସଂସର୍ଗଜନିତ ଏକ ଅନୁଭୂତି ଭାବରେ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରାଯାଏ । ଏଇଥା ଅବଶ୍ୟ ସତ୍ୟ ଇଂରେଜମାନଙ୍କ ଆଗମନ ପରବର୍ତ୍ତୀ ସମୟରେ ପରମ୍ପରାରେ ଆସିଛି ଏକ ନୂତନ ପ୍ରଶ୍ନବାଚୀ । ଅନେକ ଆଧୁନିକତାକୁ ପରମ୍ପରାବିହୀନ ପରମ୍ପରା ଭିତରେ ଅଛିହିତ କରିଛନ୍ତି । କିନ୍ତୁ ସଥାର୍ଥରେ ଆଧୁନିକତା ଏକ ପରମ୍ପରାବିହୀନ ପରମ୍ପରା ନୁହେଁ, ବରଂ, ତାହା ହେଉଛି ପରମ୍ପରାର ଏକ ପୁନଃ ବିଜିରଣ । ଆପଣାଙ୍କୁ, ଆପଣାର ପରିଚିତ ବିଶ୍ୱକୁ ଏବଂ ଐତିହ୍ୟକୁ ନୂଆ ଆଖିରେ ଦେଖିବା ହିଁ ହେଉଛି ଆଧୁନିକତା । ଏହି ଦୃଷ୍ଟିକୋଣ ନେଇ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶଧାରାରେ ପତ୍ରପତ୍ରିକାର ଅବଦାନକୁ ବିଶ୍ଳେଷଣ କରିବାକୁ ଗଲାବେଳେ ଏକ ପରିବ୍ୟାପ୍ତ କ୍ଷେତ୍ରରେ ଆପଣାଙ୍କୁ ଅବସ୍ଥାପିତ କରିଥିବା ପ୍ରତ୍ୟେକ ସଚେତକ ଗବେଷକ ବାଧ୍ୟ ହୁଏ । ସାହିତ୍ୟ ଏକ ବ୍ୟାପକ ଅନୁଧ୍ୟାନର କେନ୍ଦ୍ରବିନ୍ଦୁ । ଅହରହ ବ୍ୟକ୍ତିମାନସକୁ ଉଦ୍‌ବେଳିତ କଲୁଥିବା ଏବଂ ସମାଧାନର ସରଳତମ ସୂତ୍ର ଖୋଜୁଥିବା ଅନୁଭୂତିର ଲିପିବୃତି ହେଉଛି ସାହିତ୍ୟ । ଜୀବନ ବଳୟରେ ଜନ୍ମ ନେଇ ମହାଜୀବନକୁ ଆବୋରି ନେବାର ଅନୁଭୂତି ହେଉଛି ସାହିତ୍ୟ । ତେଣୁ ଆଧୁନିକ ସାହିତ୍ୟ କହିଲେ; ଏହାକୁ ସମୟର ଢେଉଁ ବାଡ଼ଦଣ୍ଡରେ ଚିହ୍ନିତ କରିହେବ, ତାହା ନିର୍ଣ୍ଣୟ କରିବା ନିଶ୍ଚିତ ଭାବରେ ଏକ କଷ୍ଟକର ବ୍ୟାପାର । ତେବେ ଗତାନୁଗତିକ ଗଡ଼୍‌ଳାଳିକା ପ୍ରବାହରୁ ମୁକ୍ତ ହୋଇ; ଏକ ସମୟ ସଚେତନ ଏବଂ ସଂସ୍କୃତି ସଚେତନ ମାନବର ଜୀବନ ଓ ଜଗତ ଅନ୍ୱେଷାକୁ ଆଧୁନିକତା କହିଲେ ବୋଧହୁଏ ଭୁଲ ହେବନାହିଁ । ଏହା ଏକ ସୁଦୂର ପ୍ରସାରୀ ଦୃଷ୍ଟିକୋଣର ପ୍ରେକ୍ଷାପଟ୍ଟ ଏବଂ ଗଭୀର ଅନୁଶୀଳନର ଦ୍ୟୋତକ । ଏହି ଦୃଷ୍ଟିକୋଣକୁ ଅନୁଶୀଳନ କଲେ ଊନବିଂଶ ଶତାବ୍ଦୀର ଅଭିବ୍ୟକ୍ତିକୁ ଓଡ଼ିଆ ସାହିତ୍ୟର ପ୍ରେକ୍ଷାପଟ୍ଟରେ ଏକ ପୂର୍ଣ୍ଣ ସମୟ ଭାବରେ ଅଛିହିତ କରାଯାଇପାରେ । ମହାଭାରତୀୟ ମୂଳସ୍ରୋତକୁ ଆପଣାର ସ୍ୱତନ୍ତ୍ର ପରିଚିତି ନେଇ ଓଡ଼ିଆ ସାହିତ୍ୟ ଯେଉଁ ସ୍ୱକୀୟ ପ୍ରତିଭାରେ ଉଦ୍‌ଭାସିତ ହୋଇଅଛି ତାହା ଊନବିଂଶରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛି । ଓଡ଼ିଆ ଭାଷା କହୁଥିବା ଏକ ଗୋଷ୍ଠୀ; ବଙ୍ଗ, ବିହାର ଓ ମାଡ୍ରାସ୍ ପ୍ରେସିଡ଼େନ୍ସି ଶାସନ ଢଳଢଳେ ରହି ହଜାଇଛନ୍ତି ଆପଣାର ସ୍ୱାଭିମାନ । କିନ୍ତୁ ଏସବୁ ସତ୍ତ୍ୱେ ତଥାପି ବି ଏ ମାଟିର ମହତ୍ତ୍ୱ ମଳିନ ପଡ଼ିନାହିଁ । ପାଇଲ ବିଦ୍ରୋହ ପରି ଏକ ଆନ୍ଦୋଳନ ଭିତରେ ଯେଉଁ ସ୍ୱରତିଏ ସୃଷ୍ଟି ଲାଭ କରିଥିଲା ତାହା ୧୮୬୬ ନ'ଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ପୁନଃ ସଙ୍ଗଠିତ ହେବା ନିମନ୍ତେ ଉଦ୍ୟମ ଆରମ୍ଭ କରିଛି । ସୁଖର କଥା ଏକ ବିଡ଼ମ୍ବିତ କାଳରେ ପତ୍ରପତ୍ରିକାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆଧୁନିକ ଦୃଷ୍ଟିଭଙ୍ଗୀ ଥିବା ପରୀକ୍ଷାଧର୍ମୀ । ସରଳ ବିଶ୍ୱାସର ଅନ୍ତରଙ୍ଗ ପରିସରକୁ ପରିତ୍ୟାଗ କରି ଯୁକ୍ତିକୁ ଆବୋରି ନେଇଥିଲା ଏ ସମୟ । ଗଦ୍ୟ ସାହିତ୍ୟର ପୁନଃ ଅଭ୍ୟୁଦୟ ଥିଲା ଏ ସମୟର ସାହିତ୍ୟ ଏବଂ ଆଧୁନିକତାକୁ ସବ୍ୟତ୍ମ ଯୁଗ କହିଲେ ବୋଧହୁଏ ସତ୍ୟର ଅପଳାପ ହେବ ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ କଳାପ୍ରେମୀ ଓଡ଼ିଆଙ୍କ ପାଇଁ ସାହିତ୍ୟର ଶ୍ରେଷ୍ଠ ମାଧ୍ୟମ ହୋଇଥିଲା କାବ୍ୟ । ଏ ସମୟର ସାହିତ୍ୟକୁ ବିଗ୍‌ଦର୍ଶନ ଦେଇଥିବା ତ୍ରିଦିଧ ପ୍ରତିଭା ରାଧାନାଥ, ମଧୁସୂଦନ ଏବଂ ଫକୀରମୋହନ ଆପଣା ବାଗରେ କାବ୍ୟସାଧନାରେ ଆପଣାଙ୍କୁ ନିୟୋଜିତ କରିଥିଲେ । ଓଡ଼ିଶାରେ ତାମ୍ରପତ୍ର ସୁରର ପରବର୍ତ୍ତୀ ପ୍ରସାରଣ ମାଧ୍ୟମ ଥିଲା ମୁଦ୍ରାଯନ୍ତ୍ର । ଖ୍ରୀଷ୍ଟିୟାନ୍ ମିଶନାରୀମାନଙ୍କ ଦ୍ୱାରା ୧୮୩୭ ମସିହାରେ ପ୍ରଥମେ ହୋଇଥିଲା ମୁଦ୍ରାଯନ୍ତ୍ର । ସେମାନଙ୍କ ଉଦ୍ୟମରେ ୧୮୪୯ରେ 'ଜ୍ଞାନାରଣ୍ୟ' ଏବଂ ପରେ ପରେ 'ପ୍ରବୋଧ ଚନ୍ଦ୍ରିକା' ଏବଂ 'ଅରୁଣୋଦୟ' ପ୍ରକାଶ ପାଇଥିଲା । କିନ୍ତୁ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ପ୍ରକାଶ ପରେ ପରେ ପ୍ରକାଶନ କ୍ଷେତ୍ରରେ ଆସିଥିଲା ଏକ ଅଭୂତପୂର୍ବ ପରିବର୍ତ୍ତନ । 'ସମ୍ବାଦବାହିକା', 'ଉତ୍କଳ ହିତୈଷିଣୀ', 'ସ୍ୱଦେଶୀ', 'ପ୍ରଜାବନ୍ଧୁ', 'ଓଡ଼ିଆ', 'ସମ୍ବଲପୁର ହିତୈଷିଣୀ', 'ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ମଧୁପ', 'ଉତ୍କଳ ଦର୍ପଣ', 'ଶିକ୍ଷାବନ୍ଧୁ' ଆଦି ପତ୍ରିକା ପ୍ରକାଶ ପାଇବା ସହ; ରାଜନୈତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ସର୍ଜନା କ୍ଷେତ୍ରରେ ସୃଷ୍ଟି ହୋଇଥିଲା ଏକ ବିରାଟ ପରିବର୍ତ୍ତନ । ଶତାବ୍ଦୀର ଶେଷପାବରେ 'ଉତ୍କଳ ସାହିତ୍ୟ' (୧୮୯୭) ଏବଂ ଆଦ୍ୟ ପର୍ଯ୍ୟାୟରେ 'ଉତ୍କଳ ଦର୍ପଣ' (୧୮୭୩) ଓଡ଼ିଶାର ସାରସ୍ୱତ ଜଗତକୁ ଅଭିନବ ବାଣ୍ଡି ପ୍ରଦାନ କରିଅଛି । ଜନବିଂଶର ଆବ୍ୟପାବରେ ଓଡ଼ିଆ ସାହିତ୍ୟକୁ ନୂତନ ବିଗ୍‌ଦର୍ଶନ ଦେଇଛନ୍ତି ସ୍ରଷ୍ଟା ରାଧାନାଥ । ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟରେ ତାଙ୍କ କାବ୍ୟ ଜଗତ ହୋଇଛି ବାଣ୍ଡିବାନ । ଆହରଣ, ସମୀକରଣ ଭିତରେ ତାଙ୍କ ବ୍ୟକ୍ତିତ୍ୱ ହୋଇଛି ବହୁତଟିତ । ଜଗାଳୀ, ବଙ୍ଗଳା ଓ ଓଡ଼ିଆ ତ୍ରିବିଧ ବର୍ଣ୍ଣାଳୀରେ କାବ୍ୟଧାରା ଅଭିନବ ଅନୁଭୂତି ପ୍ରଦାନ କରିଛି । ବଙ୍ଗଳା କବିତାବଳୀରୁ ସର୍ଜନା ଦୁନିଆରେ ପାଦ ଥାପି ଭୂଦେବ ବାବୁଙ୍କ ପ୍ରେରଣାରେ ସେ ଓଡ଼ିଆ ସାହିତ୍ୟରେ ଅନୁପ୍ରବେଶ କରିଛନ୍ତି । 'ଉତ୍କଳ ଦର୍ପଣ' ପତ୍ରିକାରେ ପ୍ରକାଶ ପାଇଛି 'ମେଘଦୂତ' । ଅନୁବାଦ କୁଶଳତାର ଅପୂର୍ବ ପରାକାଷ୍ଠାକୁ ଏହି ପତ୍ରିକା ପ୍ରବର୍ତ୍ତିତ କରିଛି । ପରବର୍ତ୍ତୀ ସମୟରେ ୧୮୮୬ ରେ 'ଶିକ୍ଷାବନ୍ଧୁ' ପତ୍ରିକାରେ 'ଦେବାରଗୌରୀ' ପ୍ରକାଶ ପାଇ ରାଧାନାଥଙ୍କୁ ଦେଇଛି ଅପୂର୍ବ ଲୋକପ୍ରିୟତା କିନ୍ତୁ 'ସଂଘାରକ' ପତ୍ରିକାରେ ଏ ସମ୍ପର୍କରେ ସେକୁପିଅରଙ୍କ 'ପିରାମସ୍ ଥିସ୍‌ବି' କବିତା ସମ୍ପର୍କରେ ଆଲୋଚନା ରାଧାନାଥଙ୍କୁ ଏକ ନୂଆ ଅନୁଭୂତି ପ୍ରଦାନ କରିଛି । ୧୮୮୬ରେ ପ୍ରକାଶିତ 'ଚନ୍ଦ୍ରଭାଗା', ୧୮୮୭ 'ନବସମ୍ବାଦ'ରେ ପ୍ରକାଶିତ 'ନନ୍ଦିକେଶ୍ୱରୀ', ୧୮୮୮ରେ 'ଉଷା', ୧୮୯୦ରେ 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ 'ପାର୍ବତୀ' ରାଧାନାଥଙ୍କୁ ଦେଇଛି ଅପୂର୍ବ ପାଠକୀୟ ଶ୍ୱୀକୃତି । ଏ ସମନ୍ୱୟଧର୍ମୀ ରୂପଚିତ୍ର ରାଧାନାଥଙ୍କ କଳାକୁଶଳତାର ଅପୂର୍ବ ପରିଚୟ ପ୍ରଦାନ କରିଥାଏ । ରାଧାନାଥଙ୍କ ସମ୍ପର୍କରେ ୧୮୮୪ ଫେବୃୟାରୀ ୨୬ ତାରିଖ 'ବାଲେଶ୍ୱର ସମାବବାହିକା'ରେ ପ୍ରକାଶ ପାଇଛି 'ମନବ୍ୟ ଏ ଷେତ୍ରରେ ବେଶ ପ୍ରଶିଧାନଯୋଗ୍ୟ । ଏଥିରେ କୁହାଯାଇଥିବା- "ଆମେମାନେ ଜୁମେ ଓଡ଼ିଆ ଭାଷାର ବୁର୍ଦ୍ଧଶା ଦେଖି ସର୍ବଦା ଦୁଃଖିତ ଅଛୁ । ପାଟ ସାତ ବର୍ଷ ହେଲା ଓଡ଼ିଶାରେ ଯେଉଁ ସବୁ ପାଠ୍ୟପୁସ୍ତକ ପ୍ରକାଶିତ ହେଉଅଛି, ସେହି ସବୁ ପୁସ୍ତକର ଭାଷା ବିଶ୍ୱାଶ୍ୱ ଓଡ଼ିଆ ନୁହେଁ । ସେଥିପୂର୍ବେ ଓଡ଼ିଶାରେ ଯେଉଁସବୁ ପୁସ୍ତକ ପ୍ରକାଶିତ ହୋଇଥିଲା, ସେଥିମଧ୍ୟରୁ ସମସ୍ତଙ୍କର ନହେଉ ଅଧିକାଂଶ ପୁସ୍ତକର ଭାଷା ବିଶ୍ୱାଶ୍ୱ ଥିଲା । ଆମ୍ଭମାନଙ୍କ ବିବେଚନାରେ ବର୍ତ୍ତମାନ ସ୍କୁଲ ସମୂହର ଜଏଣ୍ଟ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ଏଥି ନିମନ୍ତେ ଦାୟୀ ଅତନ୍ତି ଏବଂ ଆମ୍ଭେମାନେ ତାଙ୍କୁ ଦୋଷ ଦେଉଅଛୁ ।" (ସାମନ୍ତରାୟ, ନଟବର, ଓଡ଼ିଶା ସାହିତ୍ୟର ଇତିହାସ, ଖୃ-୨୮୭) ରାଧାନାଥ ଅତି ସଚେତନତାର ସହ ବିଦେଶୀ କଥାବସ୍ତୁ ଗ୍ରହଣ କରିଛନ୍ତି ଏବଂ ଏଥିନିମନ୍ତେ ସମାଲୋଚନାର ଶରବଣ୍ୟ ହେବାକୁ ବାଧ ହୋଇଛନ୍ତି । 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ 'ପାର୍ବତୀ' କାବ୍ୟ ରାଧାନାଥଙ୍କୁ କରିଛି ବହୁ ଭାବରେ ନିନ୍ଦିତ । ଏ ସମ୍ପର୍କରେ ଗୁରୁତ୍ୱ ଦେବଙ୍କ ମନ୍ତବ୍ୟ 'ସହକାର'ରେ ପ୍ରକାଶ ପାଇଛି - "ଯାହାଙ୍କର ପକ୍ଷ ସମର୍ଥନ କରିବାକୁ ଆମ୍ଭେମାନେ ଅର୍ଥ ବ୍ୟୟ ଓ ମାନସିକ ପରିଶ୍ରମ କରୁଛୁ, ସେ ମହାପୁରୁଷଙ୍କର ଗୁଣରେ ଜାତି ଲଗାଇବାକୁ ତିଳେମାତ୍ର ସଙ୍କୋଚବୋଧ କରେନାହିଁ । ଅବେଧ ଅଶ୍ଳୀଳ ଇଙ୍ଗିତ ଦ୍ୱାରା ଏହାଙ୍କର ଲେଖନୀ ରାଜକାବ୍ୟରେ ପ୍ରକାଶ୍ୟ ଅଶ୍ଳୀଳ ଲେଖାରୁ ବଳିଗଲା ।

ଶିକ୍ଷା କ୍ଷେତ୍ରରେ ପରୀକ୍ଷା-ନିରୀକ୍ଷାର ଅନ୍ତ କେବେ ?

ସ୍ୱାଧୀନତା ପରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପରୀକ୍ଷା ନିରୀକ୍ଷା ହୋଇଛି । ଏତ

ଡେବ୍ରିଗଡ଼ରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜୀ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ

ବରଗଡ଼,୮/୧(ନି/ପ୍): ଜିଲ୍ଲା ଅଡାବିରା ବ୍ଲକ ଅନ୍ତର୍ଗତ ଡେବ୍ରୋଗଡ଼ ଠାରେ ମାଙ୍ଗଟ ଏକ୍ସପ୍ଲୋର୍ ର ଫାଉଣ୍ଡର ଆଶୀର୍ବାଦ ମହାପାତ୍ର ଙ୍କ ସଭାପତିତ୍ୱରେ ଏକ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଫେଇ କାର୍ଯ୍ୟକ୍ରମ ତଥା ସଚେତନ କାର୍ଯ୍ୟକ୍ରମ ହୋଇଥିଲା । ଏଠାକୁ ଆସିଥିବା ପ୍ରାୟ ୨୦୦ ଟି ବଣଭୋଜି ଗୋଷ୍ଠୀଙ୍କୁ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ତଥା ପ୍ଲାଷ୍ଟିକକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାକୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରେଞ୍ଜ ଅଫିସର ରାଜେଶ କୁମାର ମହାକୁଡ଼ ,ମୁଖ୍ୟବକ୍ତା ପ୍ରକୃତିବନ୍ଧୁ ମୀନଚେତନ ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ସମ୍ପୀତ ସାହୁ ଦେଇଥିଲେ । ଲରନା ଜଲେଜ ବର୍ତ୍ତମାନ ର ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ର ଲକ୍ଷ୍ମୀ ନାରାୟଣ ବନଛୋର ଏବଂ ସାମାଜିକ କର୍ମୀ ରମେଶ ମେହେର କାର୍ଯ୍ୟକ୍ରମର ଯୋଗ ଦେଇଥିଲେ । ସୁନା ନାଏକ, ପ୍ରକାଶ ପଟ୍ଟନାୟକ, ପପୁ ମହାକୁଡ, ଖରେଶ୍ୱର ଭୁଏ, ତ୍ରିନାଥ ଭୁଏ ଭଳି ଅନେକ ଯୁବ ପିଢ଼ି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପହଂଚାଇ ଯୁବ ସମାଜସେବୀ ଅଶ୍ୱିନୀ ଦାସ ସମ୍ମାନିତ

ବରଗଡ,୮/୧(ନି/ପ୍): ଜିଲ୍ଲା ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ଅଶ୍ୱିନୀ କୁମାର ଦାସଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଡ୍ ସାମରିଟାନ'ଭାବରେ ସମ୍ମାନିତ କରାଯାଇଛି । ଆଂଚଳିକ ପରିବହନ କାର୍ଯ୍ୟାଳୟଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସାହାଲ ମୀନା ଓ ଆଂଚଳିକ ପରିବହନ ଅଧିକାରୀ ସାଙ୍କୁଆ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କଳ୍ପନା ମାଝୀ , ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମାନିନୀ ଭୋଇ , ବଲରାମ ଦାସ ମଧ୍ୟ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଦୁର୍ଘଟଣାରେ

ଆହତ ବ୍ୟକ୍ତିଙ୍କୁ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଡାକ୍ତରଖାନାରେ ଭର୍ତ୍ତି କଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ବ୍ୟବସ୍ଥା ରହିଛି ଓ ଯାହାଦ୍ୱାରା ଅନ୍ୟମାନେ ଅନୁପ୍ରାଣିତ ହେବେ । ଏହି କ୍ରମରେ ଅଶ୍ୱିନୀ କୁମାର ଦାସ କିଛିଦିନ ପୂର୍ବରୁ ବିଜେପୁର ପଟରୁ ଘରକୁ ଫେରୁଥିବା ବେଳେ,ପହଣ୍ଡି ଗ୍ରାମର ରାସ୍ତାରେ ଏକ ୪ ଚକିଆ ଧାନ ବୋଝେଇ ଟ୍ରକ (ଗାଡି ନଂ.ଓଡି-୧୭-ଜେଡ୍- ୪୫୫୬) ଏଭଳି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

ସଡକ ସୁରକ୍ଷା ସପ୍ତାହ ଅବସରରେ ଓ୍ୱାକାଥନ

ବରଗଡ,୮/୧(ନି/ପ୍) : ବରଗଡ଼ରେ ସଡକ ସୁରକ୍ଷା ସପ୍ତାହ ଉଦଯାପନୀ ଅବସରରେ ଓ୍ୱାକଥନ ଆୟୋଜିତ ହୋଇଯାଇଛି । ଆଂଚଳିକ ପରିବହନ ବିଭାଗ ଏବଂ ପୌରୀସ ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଓ୍ୱାକଥନକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଏସପି ପ୍ରଜ୍ଞାନ ସହାୟ ମୀନା , ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ସାମିଲ ଥିଲେ । ଏଥିରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ତଥା ଗାଡି ଚାଳକ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ । ସମସ୍ତ କାର୍ଯ୍ୟକ୍ରମରେ ବରଗଡ଼ ଆରକ୍ଷିତ ସାବୁଆ ମାଝି, ଏମଭିଆଇ ସୁଷମା ସାହୁ , ଟ୍ରାଫିକ ଜନସଚେତକ ଜେଜେ ଚିରିୟା, ଏଆରଟିଓ ଏଜେ ପାଣିଗ୍ରାହୀ, ଜନଷ୍ଟେବଳ ବିଶ୍ୱଭୂଷଣ ଲେଙ୍କା, ସୁଜିତ କୁମାର ରାଉତ, ଟାଉନ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଳକର, ଟ୍ରାଫିକ ଜନସଚେତକ ମଙ୍ଗଳ ବିସୋଇ ସମେତ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ ।

ପ୍ରଗତି ସାମାଜିକ ସଂଗଠନ ପକ୍ଷରୁ ରକ୍ତ ଦାନ ଶିବିର

ବରଗଡ,୮/୧(ନି/ପ୍) :ଆଜି ତା:୦୮,୦୧,୨୦୨୪ ଦିନ ନୂତନ ଭାବେ ଗଢିଉଠିଥିବା ଭଟରି ରୋଡ ସ୍ଥିତ 'ପ୍ରଗତି ସାମାଜିକ ସଂଗଠନ' ପକ୍ଷରୁ ପ୍ରଥମ ଥର ପାଇଁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବରଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ

ତଥା ସଭାପତି ସୁରସେନ ବହିଦାର ଙ୍କ ଆବାହକତ୍ୱରେ ହୋଇଥିବା ରକ୍ତ ଦାନ ଶିବିରରେ ୪୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏଥିରେ ବରଗଡ଼ ରକ୍ତ ଭଣ୍ଡାର ର ଅମରଜୀତ ମହାନ୍ତି ଓ ସରୋଜ କୁମାର ସୁନା ରକ୍ତ ସଂଗ୍ରହ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂପାଦକ ଭାରତ ଭୂଷଣ ଦାଶ,ମୁଖ୍ୟ ଉପଦେଷ୍ଟା କିଶନ ଲାଲ ଖେଡିଆ, ରତନ ଲାଲ ଅଗ୍ରୱାଲା,ରାଧାକାନ୍ତ ସାହୁ, କୋଷାଧ୍ୟକ୍ଷ ଚତୁରଭୁଜ ମହତମ,ମୁଖ୍ୟ ସଂଯୋଜକ ଅଭିଜିତ ପ୍ରତିହାର, ଲୋକ ସମ୍ପର୍କ ଅଧିକାରୀ ସୁବାସ କର, ଉପସଭାପତି ମନୋଜ ପ୍ରଧାନ, ସହ ସଂପାଦକ ପ୍ରମୋଦ ପଟ୍ଟନାୟକ, ସହ କୋଷାଧକ୍ଷ ନନ୍ଦକିଶୋର ଅଗ୍ରୱାଲା ,ସହ ସଂଯୋଜକ ସତ୍ୟାନନ୍ଦ ଦୁଆନ ,ସାଂସ୍କୃତି ସଂପାଦକ ବିନେଶ ସାହୁ,ସାମାଜିକ ସଂପାଦକ ପ୍ରତିକ ଝାବର,ମିଡିଆ ସଂଯୋଜକ ମହମ୍ମଦ ଅସଲମ,ତଥା ସର୍ବଶ୍ରୀ ବିନୋଦ ଅଗ୍ରୱାଲା,ଶୁଶିଲ କୁମାର ସାହୁ,ରାଜେନ୍ଦ୍ର ସାହୁ,ବିଜୟ ମିଶ୍ରଲ, ଶଶୀଙ୍କ ସର୍ମା,ଅରବିନ୍ଦ ଭୋଇ, ବିଷ୍ଣୁ ବରିହା,ଗଜପତି ରଥ, ରାଜେଶ ଶର୍ମା ,ସୁରଂଜନ ସାହୁ,ଜଗନ୍ନାଥ ବରିହା,ସୁରେନ ସାହୁଙ୍କ ସମେତ ସଂଗଠନ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନ୍ୟତମ ଅତିଥି ବିଜେଡିର ଜିଲ୍ଲା ସଭାପତି କିଶୋର ମିଶ୍ର ଯୋଗ ଦେଇଥିବା ବେଳେ ଶେଷରେ ପ୍ରମୋଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ

ସୋହେଲା ହାଇସ୍କୁଲ ୨୦୦୩ ବ୍ୟଚ ର ବନ୍ଧୁ ମିଳନ ଅନୁଷ୍ଠିତ

ବରଗଡ,୮/୧(ନି/ପ୍) : ଜିଲ୍ଲା ସୋହେଲା ସ୍ଥିତ ସୋହେଲା ବାଳକ ଉଚ୍ଚ ବିଦ୍ୟାଳୟ ରେ ୨୦୦୩ ରେ ମେଟ୍ରିକ୍ ବ୍ୟାଚ ରେ ପାଠ ପଢୁଥିବା ଛାତ୍ର ମାନେ ଦୀର୍ଘ ୨୦ ବର୍ଷରୁ ଏକ ବନ୍ଧୁ ମିଳନ କରିବାର ପ୍ରୟାସ କରି ଆସୁଥିଲେ କିନ୍ତୁ ବହୁତ୍ ଛାତ୍ର ମାନେ ଜିଲ୍ଲା ବାହାରେ ଚାକିରୀ ଓ ବ୍ୟବସାୟ କରୁଥିବାରୁ ସମ୍ଭବ ହୋଇ ପାରୁ ନଥିଲା । ଚଳିତ ୨୦୨୩ ର ଶେଷ ଡିସେମ୍ବର ରେ କିଛି ସ୍ଥାନୀୟ ଛାତ୍ର ମାନେ ବଶହରା ପରେ ଭେଟ ହୋଇ କିଛି ଦିନ ମଧ୍ୟରେ ବନ୍ଧୁ ମିଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଓ ବହୁତ୍ କମ୍ ସମୟ ମଧ୍ୟରେ

ଏକ ବନ୍ଧୁ ମିଳନ କରିବାର ସ୍ଥିର କରାଯାଇଥିଲା । ଆଜି ୨୦୨୪ ର ପ୍ରଥମ ରବିବାର ରେ ହୀରାକୁଦ ସ୍ଥିତ ଜିରୋ ପଏଂଟ ଠାରେ ଏହି ବନ୍ଧୁମିଳନ ବା ପିକନିକ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁମିଳନ ରେ ୨୦୨୩ ବର୍ଷ ରେ ପାଠ ପଢୁଥିବା ୫୦ ଜଣ ଭୂତ୍ତ୍ରୀ ଛାତ୍ର ଯୋଗଦେଇଥିଲେ । ପ୍ରଥମେ ସୁଶାନ୍ତ ସାହୁ ସମସ୍ତଙ୍କୁ ନିଜର ପରିଚୟ ଦେବା ସହ ନିଜ ନିଜର ବର୍ତ୍ତମାନ କାର୍ଯ୍ୟକ୍ଷେତ୍ର ସହ ପରିବାର ର ସ୍ଥିତି ବିଷୟରେ କିଛି କହିବା ପାଇଁ ଅନୁରୋଧ କରିଥିଲେ । ସମସ୍ତ ପୁରାତନ ଛାତ୍ରମାନେ ନିଜର ନିଜର ବକ୍ତବ୍ୟ ଦେଇଥିଲେ । ହୁତାଶନ ଦାସ ପାଠ ପଢୁଥିବା କିଛି ଶିକ୍ଷକ ଓ ଛାତ୍ର ଛାତ୍ରଙ୍କ ବିଷୟ ରେ ବକ୍ତବ୍ୟ ରଖିଥିଲେ ଓ ତାଙ୍କ ପାଇଁ ସମସ୍ତଙ୍କୁ ଶାନ୍ତି ପ୍ରାର୍ଥନା କରିବା ପାଇଁ ଅନୁରୋଧ କରିଥିଲେ ଓ ସମସ୍ତ ଙ୍କ ପାଇଁ ଶାନ୍ତି ପ୍ରାର୍ଥନା କରାଯାଇଥିଲା । ସଭା ଶେଷ ରେ ଅଶୋକ କୁମାର ବାଙ୍କ ଧନ୍ୟବାଦ୍ ଅର୍ପଣ କରିଥିଲେ । ସୋହେଲା ବାଳକ ବିଦ୍ୟାଳୟ ରେ ପାଠ ପଢୁଥିବା ସମୟ କୁ ମନେ କରି ସମସ୍ତେ ଭାବ ବିହ୍ୱଳ ହୋଇଥିଲେ । ଏହି ବନ୍ଧୁ ମିଳନ ଆୟୋଜନ ରେ ଭୂଜମଣି ଭଞ୍ଜ, ଅତିତ , ରାକେଶ ଦାସ୍ , ଉମ୍ମଗ୍ରୁ ସୁନା , ମହେଶ୍ ଅଗ୍ରୱାଲ, ଗିଜ୍ଜୁ ସାହୁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପରି ସମସ୍ତ ବର୍ଷ ଏକ ବନ୍ଧୁ ମିଳନ ଅନୁଷ୍ଠିତ କରିବା ନିଷ୍ପତି ନିଆଯାଇଥିଲା ।

କଳିଙ୍ଗା ୬ନଂ ୱାର୍ଡ ବାସିନ୍ଦାଙ୍କୁ ମିଳିଲା ପାଣି

ଗୁ.ଉଦୟଗିରି,୮/୧(ନି/ପ୍): ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗା ଂଚାୟତ ର ୬ନଂ ୱାର୍ଡର ଡିନିଗୋଡ଼ି ସାହିକୁ ଦୀର୍ଘ ବର୍ଷ ହେଲା ପାନୀୟ ଜଳ ନ ପହଂଚିବା ନେଇ ଦୈନିକ ଓଡ଼ିଆ ଖବର କାଗଜ 'ସମ୍ବାଦ'ରେ ବଦରା ନଳକୂପ ଭରସାରେ ୧୦୦ପରିବାର ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରି ଖବର ପ୍ରକାଶ ଦିନ ହିଁ ଉକ୍ତ ସାହିରେ ପହଂଚି ନଳକୂପ ମରାମତି କରିବା ସହ ବିଛା ହାଇଥିବା ପାଇପ ଲାଇନ ସଜେଇବା ସହ ପାଣି ଯୋଗାଣ ମଟର ସଜେଇ

ଦିନି ସାହି ଯଥା ଗେଟସାହି, ରାସେଡ଼ି ସାହି ଏବଂ ମାଦିସାହିକୁ ଜଳଯୋଗାଣ ସ୍ୱାଭାବିକ ହୋଇଥିଲା । ଦୀର୍ଘ ବର୍ଷ ହେଲା ସାହି ଲୋକ ଟୋପାଏ ପିଇବା ପାଇଁ ପାଇଁ ବହକ ବିକଳ ହେଉଥିବା ବେଳେ ପାଣି ସମସ୍ୟା ନେଇ ତତ୍ତ୍ୱ ଉପର ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରେଇବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା ।ସମ୍ବାଦରେ ଖବର ପ୍ରକାଶ ପାଇ ପାଇ ପାଇ ଜଳଯୋଗାଣ ସ୍ୱାଭାବିକ ହୋଇପାରିଥିବା ଯୋଗୁଁ ଏହି ଡିନିସାହିର ବାସିନ୍ଦା 'ସମ୍ବାଦ'କୁ ଧନ୍ୟବାଦ ଜଣେଇଛନ୍ତି ।

ଏସ. ବି. ଆଇ ଏଟିମ ଭାଙ୍ଗି ଲୁଟ ଘଟଣାରେ ଜଣେ ମେଡିକାଲ କର୍ମଚାରୀ ଅଟକ

ଫୁଲବାଣୀ,୮/୧(ନି/ପ୍) : କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଭିତରେ ଥିବା ଏସ.ବି.ଆଇ ଏଟିଏମ ଭାଙ୍ଗି ଟଙ୍କା ଲୁଟ କରିବାପାଇଁ ଯୋଜନା ବଦ୍ଧ ଭାବେ ଲୁଟେରା ମାନେ ପବକ୍ଷେପ ନେଇଥିଲେ । ଏକ ଶାବକ ଯୋଗେ ଏଟିଏମ କୁ ଭାଙ୍ଗିବାକୁ ଉଦ୍ୟମ କରିବା ସମୟରେ ଅଟୋମେଟିକାଲି ଏସ.ବି.ଆଇ ର ବୟେ ସ୍ଥିତ ଏସ.ବି.ଆଇ ଇଟଟ୍ରାଲ ରୁମକୁ ମେସେଜ ପାଇବା ପରେ ଏସ.ବି.ଆଇ ଏଟିଏମ ମ୍ୟାନେଜର ଶ୍ରୀ ମନୋରଞ୍ଜନ ଥିଉ ତୁରନ୍ତ ପୋଲିସ ଇଟଟ୍ରାଲ ରୁମକୁ ଜଣାଇ ଥିଲେ ।ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଁଚିଲା ବେଳକୁ ରାଜେନ୍ଦ୍ର କୁମାର ଚାନ୍ଦ ବୟସ ୫୫ବର୍ଷ ନାମକ ବ୍ୟକ୍ତି ବାଲେଶ୍ୱର ଜିଲ୍ଲାର ମୋଡି ଗଞ୍ଜ ଗାଁ, ଥାନା ସଦର ବାଲେଶ୍ୱର ଏଟିଏମ ଲୁଟ ଘଟଣାରେ ପୋଲିସ ତାଙ୍କୁ ପ୍ରତକ୍ଷ୍ୟ ଭାବେ ଏଟିଏମ ଭିତରୁ ଗିରଫ କରିଥିବା ଜଣାପଡିଛି, ରାଜେନ୍ଦ୍ର କୁମାର ଚାନ୍ଦ ଏନ.ଏଚ ଏମ.ରେ ଆର. ଭି.ସି.ସି.ଏମ ଭାବେ ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି । ବିଶେଷ ସୂତ୍ରରୁ ଖବର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡି.ପି.ଏମ ସମ୍ମୁଖ ଅଛି ବୋଲି ଟାଉନ ଥାନାରେ ଅଟକ ଥିବା ରାଜେନ୍ଦ୍ର କୁମାର ଚାନ୍ଦ କହିଛନ୍ତି । ଫୁଲବାଣୀ ମେଡିକାଲ ସ୍ଥିତ ଏଟିଏମ ରେ ଡକାୟତି ହେବାର ସମ୍ଭାବନା ଜାଣି ଏସବିଆଇ ଏଟିଏମ ମ୍ୟାନେଜର ମନୋରଞ୍ଜନ ଥିଉ, ଫୁଲବାଣୀ ପୋଲିସ ଷ୍ଟେସନ କୁ ଫୋନ କରି ଜଣାଇଥିଲେ ଓ ଫୋନ କଲ ପାଇଲା ପରେ ତୁରନ୍ତ ପୋଲିସ ଘଟଣା ସ୍ଥଳରେ ପହଁଚି ଅଭିଯୁକ୍ତ ଚାନ୍ଦ କୁ ଗିରଫ କରିଥିଲେ ଓ କେଶ ୫/୨୪ ୪୫୬,୩୮୦,୫୧୧ସକ୍ତମ ରେ ଏକ ମାମଲା ରୁଜୁ କରି ଥିବା ଜଣାପଡିଛି, ଆଉ ଏଟିଏମ ଭଙ୍ଗା ଘଟଣାରେ ଆଉ କିଏ କିଏ ସମ୍ପୃକ୍ତି ଅଛନ୍ତି କି ନାହିଁ ସେ ବିଷୟରେ ଅଧୀକ ତଦନ୍ତ ଚାଲୁ ରହିଛି ବୋଲି ଫୁଲବାଣୀ ଉପଖଣ୍ଡ ଅଧିକାରୀ ଶ୍ରୀ ସୁପ୍ରସନ ମଳିକ ଗଣ ମାଧ୍ୟମ ଆରରେ ସୂଚନା ଦେଇଛନ୍ତି । ଏଟିଏମ ଭଙ୍ଗା ଘଟଣାରେ ଫୋନ ଯୋଗେ ଡି.ପି.ଏମ ଶ୍ରୀ ମନୋରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରେ ସେ ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଛନ୍ତି । ସେ କହିଥିଲେ କି ସେଇ ଲୋକ ମୋ ନାଁରେ କାହିଁକି ଏମିତି କହୁଛି ସେକଥା ସେହିଁ ଜାଣିଥିବେ ଓ ମୁଁ ସବୁବେଳେ ଦୁର୍ନୀତି, ଗୁଣ୍ଡା ଗର୍ଦ୍ଦା ଭଳି ଏସବୁ ଘଟଣାରୁ ବହୁତ ଦୂରରେ ଓ ମୋର ଅଭିଯୁକ୍ତ ସହିତ କିଛି ସମ୍ପର୍କ ନାହିଁ ବୋଲି ତାଙ୍କ ଉପରେ ଆସୁଥିବା ଅଭିଯୋଗ କୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଥିଲେ ଓ ପ୍ରକୃତ ତଦନ୍ତ ପରେ ସତ୍ୟ ସତ୍ୟ ଜଣାପଡିବ ଓ ଅଭିଯୁକ୍ତ ନିଶ୍ଚୟ ଦଣ୍ଡ ପାଇବା ଦରକାର ବୋଲି କହିଥିଲେ । ବର୍ତ୍ତମାନ ଏଟିଏମ ଭଙ୍ଗା ଘଟଣାରେ କିଏ କିଏ ସମ୍ପୃକ୍ତି ଅଛନ୍ତି ଓ ଏହାର ତେର ଫୁଲବାଣୀ ରୁ ଢେଙ୍କେପୁର ପର୍ଯ୍ୟନ୍ତ ବ୍ୟାପିଛି ତାହା ପୋଲିସ ର ପ୍ରକୃତ ତଦନ୍ତ ପରେ ହିଁ ଜଣା ପଡିବ

ସମଲେଇ ପ୍ରକଳ୍ପର ଲୋକାର୍ପଣ : ମା'ଙ୍କ ପାଇଁ ପ୍ରତି ଘରୁ ଆସିବ ସିନ୍ଦୂର



ସମ୍ବଲପୁର,୮/୧(ନି/ପ୍): ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠର ଚାଲିଛି ଜୁପାନ୍ତର । ଚଳିତ ମାସ ୨୭ ତାରିଖରେ ପ୍ରକଳ୍ପର ଲୋକାର୍ପଣ ହେବ । ଏହି ପରିପ୍ରେକ୍ଷୀରେ ଆଜି ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ, ସଭାପତି ଓ ପୂଜକମାନେ ନବୀନନିବାସ ଆସି ମଙ୍ଗଳାଷ୍ଟକ ଗାନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିଥିଲେ ଏବଂ ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ ଦେଇଥିଲେ । ମା' ସମଲେଶ୍ୱରୀଙ୍କ ପୀଠର ରୂପାନ୍ତର ପାଇଁ ସେମାନେ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧିକ୍ଷ ଭି.କେ ପାଣ୍ଡିଆଙ୍କୁ ଧନ୍ୟବାଦ ଦେଇଥିଲେ । ସେମାନେ କହିଥିଲେ ଯେ ଲୋକାର୍ପଣ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସବୁ ଘରକୁ ନଡ଼ିଆ ଦିଆଯିବ ଏବଂ ସବୁ ଘରୁ ମା'ଙ୍କ ପାଇଁ ସିନ୍ଦୂର ଆସିବ । ମା' ସମଲେଶ୍ୱରୀଙ୍କ ଜାମରେ ସମସ୍ତଙ୍କ ସହଯୋଗ କାମନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା'ଙ୍କ ପୀଠ ଓ ସମ୍ବଲପୁର ସହରର ଉନ୍ନତି ପାଇଁ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ । ୫ଟି ଅଧକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ମା'ଙ୍କ ଆଶୀର୍ବାଦରୁ ସବୁ କାମ ଭଲରେ ଭଲରେ ଚାଲିଛି ଏବଂ ଆଗକୁ ମଧ୍ୟ ସବୁ କାମ ଭଲରେ ହେବ । ସମସ୍ତଙ୍କ ସହଯୋଗରେ ରୂପାନ୍ତର କାମ ଜାରି ରହିବ । ସୂଚନାଯୋଗ୍ୟ ଯେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଷୋଡ଼ଶ ଶତାବ୍ଦୀର ଏକ ପ୍ରସିଦ୍ଧ ପୀଠ । ଏହାର ଉନ୍ନତି ପାଇଁ ୨୦୨୧ ମସିହାରେ ମୁଖ୍ୟମନ୍ତ୍ରୀ ସମଲେଇ ପ୍ରକଳ୍ପ ଆରମ୍ଭ କରିଛନ୍ତି । ଏଥିପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ମନ୍ଦିରର ସୌନ୍ଦର୍ଯ୍ୟୀକରଣ ସହିତ ଭକ୍ତମାନଙ୍କ ପାଇଁ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିବାକୁ ସମସ୍ତ ପ୍ରକାର ପବକ୍ଷେପ ନିଆଯାଇଛି । ମନ୍ଦିର ସହିତ ମହାନଦୀ ଘାଟର ମଧ୍ୟ ଉନ୍ନତୀକରଣ କରାଯାଇଛି । ଏହି ପ୍ରକଳ୍ପର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ ଶ୍ରୀ ପାଣ୍ଡିଆନ ଅନେକ ଥର ସମ୍ବଲପୁର ଯାଇ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପୂର୍ବରୁ ସେମାନେ ମା' ସମଲେଶ୍ୱରୀଙ୍କୁ ପୂଜା କରି ମା' ପାଟଣେଶ୍ୱରୀ, ମା' ବଶମତୀ, ମା' ବାଟମଙ୍ଗଳା, ସୋମନାଥ ବାବା ଏବଂ ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିଥିଲେ । ସମଲେଶ୍ୱରୀ ଟ୍ରଷ୍ଟବୋର୍ଡର ସଭାପତି ସଂଜୟ ବାବୁ, ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ସନ୍ତୋଷ ପୃଷ୍ଠେଠ, ମହେନ୍ଦ୍ର ପୂଜାରୀ, ମୁଖ୍ୟ ପୂଜକ ଅମ୍ବିକା ରାୟ, ପୂଜକ ଓଳିଲ ରାୟ, ପବିତ୍ର ରାୟ, ପ୍ରକାଶ ରାୟ, ଯକ୍ଷ ରାୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

ସ୍କୁଲରେ ଚାଲା ମାରିଲେ, ବିକ୍ଷୋଭ ପ୍ରଦର୍ଶନ କଲେ ଛାତ୍ରଛାତ୍ରୀ

କସତବାବଞ୍ଜ,୮/୧(ନି/ପ

ନିର୍ବାଚନ ଆସିଲେ ମନେ ପଡ଼େ.....

ରାଉରକେଲା, ୮/୧ (ନି/ପ୍ର): ଆଜ ମାତ୍ର କିଛି ମାସର ଅପେକ୍ଷା ଆଗକୁ ସାଧାରଣ ନିର୍ବାଚନ । ଭୋଟରଙ୍କୁ ହାତେଇବାରେ ଲାଗି ପଡ଼ିଛନ୍ତି ସବୁ ରାଜନୈତିକ ଦଳ । ନିର୍ବାଚନ ଆସିଲେ ନେତାଙ୍କ ମନେ ପଡୁଛି ବସ୍ତିବାସିନ୍ଦାଙ୍କ କଥା । ଏବେ ରାଜନୈତିକ ଦଳ ନେତାଙ୍କ ସୁଅ ଛୁଟିଛି ବସ୍ତି ଗୁଡ଼ିକକୁ । ରାଜନୈତିକ ଦଳର ନେତାମାନେ ଏବେ ବିକାଶର ସ୍ୱପ୍ନ ଦେଖାଉଛନ୍ତି ବସ୍ତିବାସିନ୍ଦାଙ୍କୁ । ସମସ୍ୟାର ସ୍ଥାୟୀ ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ବସ୍ତିବାସିନ୍ଦାଙ୍କୁ ନିଜ ନିଜ ଦଳର ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଉଛନ୍ତି । ଏସବୁ ଭିତରେ ଆରଏମ୍‌ସି ଓ ଆରଏସ୍‌ପି ଏରିଆରେ ବସ୍ତିର ବିକାଶ ଯେତିକି ହେବା କଥା, ତା' ହୋଇନି । ଆରଏମ୍‌ସିରେ ଜନ ପ୍ରତିନିଧି ନଥିବାରୁ ବସ୍ତିବାସିନ୍ଦା ସେମାନଙ୍କ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି । ଏଥି ମଧ୍ୟରୁ କିଛି ସମସ୍ୟାର ସମାଧାନ ହେଉଛି । ଅନେକ ସମସ୍ୟା ବର୍ଷ ବର୍ଷ ଧରି ଅଧପରିଆ ହୋଇ ପଡ଼ିରହିଛି । ସ୍ୱାସ୍ଥ୍ୟ, ପରିମଳ, ରାସ୍ତାଘାଟ,ପରିବେଶ ସୁରକ୍ଷା ଆଦି ସମସ୍ୟା ସମସ୍ୟାରେ ହିଁ ରହିଯାଇଛି । ଜାଗା ମିଶନ, ମୁଖ୍ୟ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ମିଳୁଥିବା କୋଟି କୋଟି ଟଙ୍କା ଏଲ୍‌ଏଚ୍‌ଡି ଗ୍ରୁପ ଜରିଆରେ ବାଟି ଦିଆଯାଉଛି । ହେଲେ କାମର ନାଁ ଗନ୍ଧ ନାହିଁ । ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରତିବାଦ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ । ବସ୍ତି ବସ୍ତି ବୁଲି ରାଜନୈତି ଦଳର ନେତାମାନେ କେବଳ ମିଛ ପ୍ରତିଶ୍ରୁତି ଦେଇ ବସ୍ତିବାସିନ୍ଦାଙ୍କୁ ନିଜ ଦଳ ପକ୍ଷରେ ଭୋଟ ଦେବା ପାଇଁ କହୁଛନ୍ତି । ଉଦ୍ଧୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୯ ମସିହାରେ ସମୁଦାୟ ୧,୭୪,୮୧୭ ଭୋଟର ତାଲିକା ଭୁକ୍ତ ହୋଇଥିବା ବେଳେ ୨୦୨୪ ଚୂଡାନ୍ତ ତାଲିକାରେ ସମୁଦାୟ ୧,୭୯, ୪୮୦ ଭୋଟର ଅଛନ୍ତି । ସେହିପରି ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ୨୦୧୯ ମସିହାରେ ସମୁଦାୟ ୨,୦୦,୮୮୭ ଭୋଟର ତାଲିକା ଭୁକ୍ତ ହୋଇଥିବାବେଳେ ସଂଶୋଧିତ କାର୍ଯ୍ୟକ୍ରମ ପରେ ଚୂଡାନ୍ତ ତାଲିକାରେ ସମୁଦାୟ ୨,୦୯,୭୧୦ ଭୋଟର ଅଛନ୍ତି । ଯେତିକି ଭୋଟର ଅଛନ୍ତି, ତା'ର ପ୍ରାୟ ୬୦% ଭୋଟର ହେଉଛନ୍ତି ବସ୍ତିର । ନେତାଙ୍କ ଭାଗ୍ୟ ବସ୍ତି ଭୋଟର ଉପରେ ହିଁ ନିର୍ଭର କରିଥାଏ । ଏଥିପାଇଁ ରାଜନୈତିକ ଦଳର ନେତାଗଣ ବାରମ୍ବାର ବସ୍ତିକୁ ଯାଇ ବସ୍ତିବାସିନ୍ଦାଙ୍କୁ ବିକାଶର ଜାନ ମନ୍ତ୍ର ଦେବାରେ ଲାଗି ପଡ଼ିଛନ୍ତି ।


OFFICE OFFICE THE ROURKELA MUNICIPAL CORPORATION ROURKELA

C-2317

Bid Identification No. – MC/WMC/02/2023

Municipal Commissioner,
Rourkela Municipal Corporation

OIPR-13131/11/0101/2324


OFFICE OFFICE THE ROURKELA MUNICIPAL CORPORATION ROURKELA

C-2314

Bid Identification No. – MC/WMC/02/2023

Municipal Commissioner,
Rourkela Municipal Corporation

OIPR- 13131/11/0102/2324

ଗଛରେ ବାଡେଇ ହେଲା ବାଇକ, ବାଇକ୍ ଚାଳକ ମୃତ

ସୁନ୍ଦରଗଡ଼, ୮/୧:ଆଙ୍ଗର ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡର ଲହୁଣିପଡ଼ା ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ୧୦ ଜ ରାସ୍ତାର ଟାଙ୍କଯୋଡା କ୍ରସର ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଆଜି ଭୋର୍ ସକାଳେ ବରେଲକେଳା ଗ୍ରାମର ଗଗନ ତ୍ରିପାଠୀ ଟାଙ୍କଜୋଡା ଗ୍ରାମରେ ଥିବା ମାମୁଁ ଘରକୁ ବାଇକ ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ବାଡ଼େଇ ହୋଇ ରାସ୍ତା ତଳକୁ ଛିଟିକି ପଡି ଗୁରୁତର ହୋଇପଡିଥିଲେ । ଫଳରେ ପରିବାର ଲୋକେ ଦେଖି ସଂଗେ ସଂଗେ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ କୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଖବର ପାଇ ଲହୁଣିପଡ଼ା ପୋଲିସ ପହଁଚି ମୃତ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

ବନ୍ଧୁକ ମୁନରେ ଗ୍ରାହକ ସେବା କେନ୍ଦ୍ରରୁ ୩୦ ହଜାର ଲୁଟ୍

ଜଲୋନୀ ପଡ଼ାର ଅନିଲ କୁମାର ବାଗଙ୍କ ଏସବିଆର ଗ୍ରାହକ ସେବା କେନ୍ଦ୍ରରୁ ଲୁଟ ହୋଇଥିବା ଜଣାଯାଇଛି । ଏକ ନମ୍ବର ବିହାନ ଆପାତେ ବାଇକରେ ୩ ଜଣ ହୁଡୁକ ହେଲମେଟ ପିନ୍ଧି ଆସି ବନ୍ଧୁକ ଦେଖାଇ ୩୦ ହଜାର ଲୁଟି ନେଇ ଫେରାର ହୋଇଥିବାର ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦାରକ ଚଳାଇଛି ।

ବାଣିଜ୍ୟ ସଂଘର ବନଭୋଜି, ଯୋଗଦେଲେ ଅନେକ ଗଣମାନ୍ୟ ଅତିଥିଗଣ

ରାଉରକେଲା, ୮/୧ (ନି/ପ୍ର): ରାଉରକେଲା ବାଣିଜ୍ୟ ସଂଘର ବଣଭୋଜି କାର୍ଯ୍ୟକ୍ରମ ଜାଂଶବାହାଲ ଏଲ ଆଣ୍ଡ ଟି ପମ୍ପ ହାଉସରେ ସକାଳ ୯ ଟାରୁ ମଧ୍ୟାହ୍ନ ୪ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ବନଭୋଜିରେ ବାଣିଜ୍ୟ ସଂଘର ସଭ୍ୟମାନେ ସପରିବାର ଯୋଗ ଦେଇଥିଲେ । ଏହାକୁ ନେଇ ମହିଳାଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତା ସହ ଭୋଜିର କାର୍ଯ୍ୟକ୍ରମ କରାଯାଇଥିଲା ।। ଆକର୍ଷଣର କେନ୍ଦ୍ର ଥିଲା ସଂଗୀତ କାର୍ଯ୍ୟକ୍ରମ । ବାଣିଜ୍ୟ ସଂଘର ଅଧ୍ୟକ୍ଷ ସୁନିଲ କେୟାଲ ଓ ଅନ୍ୟ ସଭ୍ୟମାନେ ଏହି ସଂଗୀତ କାର୍ଯ୍ୟକ୍ରମରେ ଗୀତ ପରିବେଷଣ କରିଥିଲେ । ଏଥିରେ ଅତିଥି ଭାବରେ ହଳି ଇଣ୍ଡିଆର ପୂର୍ବ କେପିଟେନ ପଦ୍ମଶ୍ରୀ ଦିଲିପ ତିର୍କୀ, ଆରଏସପି ନିର୍ବାହୀ ନିର୍ଦ୍ଦେଶକ ଅନୁନ ଭୌମିକ, ଇଡ଼ି ଓ୍ୱାର୍କସ ଏକେ ବେହୁରିଆ, ସୋମନାଥ ତ୍ରିପାଠୀ, ଆଇଟିଓ ଅକ୍ଷୟ କୁମାର, ସିଆଇଏସଏଫ କମାଟେଂ ଅଶୋକ ଜଲଖାନି ସମେତ ଅନ୍ୟ ଅତିଥି ଏହି ବନଭୋଜିରେ ସାମିଲ ହୋଇଥିଲେ । ଅତିଥିଙ୍କୁ ବାଣିଜ୍ୟ ସଂଘର ଅଧ୍ୟକ୍ଷ ସୁନିଲ କେୟାଲ ଓ ଅନ୍ୟ ପଦାଧିକାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ସଂଘର ପୂର୍ବ ଅଧ୍ୟକ୍ଷ ସୁବ୍ରତ ପଟ୍ଟନାୟକ, ଗୌରୀ ଶଙ୍କର ଅଗ୍ରୱାଲ, ପିସି ନାୟକ, ସନ୍ତୋଷ ପାଣିକ, ତ୍ରିଜ ମୋହନ ଅଗ୍ରୱାଲ, ରାମ ଅବତାରର ଅଗ୍ରୱାଲ, କେ.କେ ପୋଦାର, ବିଶେଷ ଆମନ୍ତିତ ସଭ୍ୟ ନରେଶ ଅଗ୍ରୱାଲ ସହ ଉପାଧ୍ୟକ୍ଷ ଗୁରୁମିତ ସିଂ, ନରେଶ ଆରିଆ, ସଂପାଦକ ପ୍ରଭାତ ଟେଟ୍ରିୱାଲ, ଅର୍ଥ ସଂପାଦକ ସନ୍ତୋଷ ଅଗ୍ରୱାଲ, ଆଡ୍‌ମିନ ସଂପାଦକ ସୁକମ କାଯୁର, ପ୍ରମୋଦ କୁମାର ନାତୁନିଆ, ରିସି ଆରିଆ ସମେତ ଅନ୍ୟ ସଭ୍ୟଙ୍କ ସକ୍ରିୟ ଯୋଗଦାନ ଥିଲା ।

ଖେଳକୁଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଉରକେଲା , ୮/୧ (ନି/ପ୍ର): ଏକଲ ଅଭିଯାନ , ଓଡ଼ିଶା ଦ୍ୱାରା ଅନୁଷ୍ଠିତ ଖେଳ କୁଦ ପ୍ରତିଯୋଗିତାର ଉଦ୍ଧାପନି ଉତ୍ସବ ରାଉରକେଲା, ବିର୍ସା ମୁଣ୍ଡା ଆଥେଲେଟିକ୍ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇ ଥିଲା । ଏହି ବୌଦ୍ଧ ପ୍ରତିଯୋଗିତାରେ ୬ ଜଣ , ଲମ୍ବ ଡିଆଁ ପ୍ରତିଯୋଗିତା ରେ ୨ ଜଣ , ଉଚ୍ଚ ଡିଆଁ, ପ୍ରତିଯୋଗିତା ରେ ୨ ଜଣ , କୁସ୍ତି ଯୁଦ୍ଧ ପ୍ରତିଯୋଗିତାରେ ୪ ଜଣ , ଯୋଗାସନ ପ୍ରତିଯୋଗିତାରେ ୨ ଜଣ , କବାଡି ପ୍ରତିଯୋଗୀ ରେ ୨୦ ଜଣ ମୋଟ ୩୬ ଜଣ ପ୍ରତିଯୋଗୀ ଜାତୀୟ ସ୍ତର ରେ ହେବାକୁ ଯାଉଥିବା ଖେଳ କୁଦ ପ୍ରତିଯୋଗୀ ରେ ଭାଗନେବେ । ଏହା ନାଗପୁର ଠାରେ ଚଳିତ ମାସ ୧୯ , ୨୦ ,୨୧,୨୨ ତାରିଖରେ ଅନୁଷ୍ଠିତ ହେବ । ଆଜି ର ଖେଳ କୁଦ ଉଦ୍ଧାପନି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ :- ଡକ୍ଟର ସନାତନ ପ୍ରଧାନ (ପଞ୍ଚମ ପ୍ରାନ୍ତ ସଂଘ ଚାଳକ), ଶଙ୍କର ଓରାମ (ବିଧାୟକ ବୀରମିତ୍ରପୁର), ମୃଦୁଲା ଠାକୁର (ଭାଇରେକ୍ଟର ବିକାଶ ଫାଉଣ୍ଡେସନ ଟ୍ରଷ୍ଟ), ଅଶୋକ ମୁଦୁଲି (ଓଡ଼ିଶା ଫାଉଣ୍ଡ ସଭାପତି), ବମୁ ଡିର୍ଦ୍ଦି (ସୁନ୍ଦରଗଡ଼ ଅଂଚଳ ସଭାପତି), ବାବାଜୀ ସାହୁ (ସଂପାଦକ ସୁନ୍ଦରଗଡ଼), ରବି ବେହୁରୀ (ଜୋଷ୍ଠାଧ୍ୟକ୍ଷ ଅଂଚଳ), ରାଠୁ ମହାନ୍ତ (ସମ୍ପାଦକ ଓଡ଼ିଶା), ରାଜୀବ ପାତ୍ର , ଅଶୋକ ଗାନ୍ଧୀ ,ଅନନ୍ଦ ଜୈନ , ସୁଭାଷ ସିଂହ ନିହାର ରାୟ , ଜଗବନ୍ଧୁ ବେହେରା, ସନ୍ତୋଷ ଡିର୍ଦ୍ଦି ବିପିନ ବିହାରୀ ସାହୁ ଯୋଗଦେଇଥିବା ବେଳେ ପ୍ରଚାର ପ୍ରସାର ଦାୟିତ୍ୱ ରେ ବସନ୍ତ କୁମାର ସାମଲ, ବାବୁଲି ମୁର୍ମୁ, ବିଶ୍ବ ଷଣ୍ଡ ଦାୟିତ୍ୱ ତୁଲାଇ ଥିଲେ ଦୋଳି ପ୍ରଚାର ପ୍ରସାର ପ୍ରମୁଖ ବାବୁଲି ମୁର୍ମୁ ଏକ ପ୍ରେସ ବାର୍ତ୍ତା ରେ ଜଣାଇଛନ୍ତି ।

ଥମୁନି ହାତୀପଲଙ୍କ ଉପଦ୍ରବ :

ଗ୍ରାମବାସୀଙ୍କ ରାସ୍ତାରୋକ

ସୁନ୍ଦରଗଡ, ୮/୧ (ନି/ପ୍ର): ସୁନ୍ଦରଗଡ଼ ରେଞ୍ଜ ଅଧିନସ୍ଥ ରାଉଜଡେରା ସେକ୍ସନ ଅନ୍ତର୍ଗତ ତେଲିଯୋର, ସଲିହାପଡା, ଭଗବପଡା, ମହୁଲଗାଁ, ହେଣ୍ଟୁଆଣ୍ଡୁଖା, ରାମପୁର, ଗଉଜନପାଲି, ଗଣ୍ଡାମରା ଆଦି ଗାଁରେ ସନ୍ଧ୍ୟା ହେଲା ମାତ୍ରକେ ହାତୀପଲଙ୍କ ଉପଦ୍ରବ ଗତ ୨୨ ତାରିଖରୁ ଲାଗିରହିଛି । ହାତୀପଲଙ୍କ ଉପଦ୍ରବ ଯୋଗୁ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ତେଲିଯୋର, ମହୁଲଗାଁ ନିକଟରେ ସିରମୁଣ୍ଡା ଜଙ୍ଗଲରେ ହାତୀ ଅଛି । ସେଠାରେ ଖାଇବା, ରହିବା, ପାଣିର ସବୁ ଭରପୁର ଥିବାରୁ ରାତିରେ ଘର ଭାଙ୍ଗି ଧାନ ଚାଉଳ ସହ ଘରୋଇ ଉପକରଣ ମାଡ଼ି ବଳି ସର୍ବନାଶ କରି ଦେଉଥିବାବେଳେ ସକାଳରେ ପୁଣି ସେହି ଜଙ୍ଗଲରେ ରହିଯାଉଛି । ବନବିଭାଗ ହାତୀପଲକୁ ଘଉଡ଼ାଇବା ପାଇଁ ଯେତେ ଚେଷ୍ଟାକଲେ ମଧ୍ୟ ହାତୀ ଅଂଚଳ ଛାଡ଼ି ଯାଉନାହିଁ । ଏହାର ପ୍ରତିବାଦ କରି ତେଲିଯୋର, ମହୁଲଗାଁ ଗ୍ରାମବାସୀ ଆଜି ରାସ୍ତାରୋକ କରିଥିଲେ । ପରେ ବନ ଅଧିକାରୀ ପହଁଚି ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକକୁ ଗ୍ରାମବାସୀ ହଟିଥିଲେ । ଅନ୍ୟ ପକ୍ଷରେ ପୁଣି ଆଜି ସନ୍ଧ୍ୟାରେ ବାଲିଶଙ୍କରା ସରବାହାଳଠାରେ ଜଳଧର ମାଝୀ (କାଲୋ)ଙ୍କ ଘରକୁ ଭାଙ୍ଗି ଦେଇଥିବା ବେଳେ ଅଙ୍କେ ଜଳଧର ମାଝୀ(କାଲୋ) ବର୍ଦ୍ଧିଯାଇଥିଲେ । ହାତୀ ଧାନ ଚାଉଳ ଖାଇ ଘରଦ୍ୱାର ଭାଙ୍ଗି କ୍ଷୟକ୍ଷତି ହୋଇଥିବା ହିତାଧିକାରୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି ।

ଆରଏସପିର ପାଇପ୍ ପ୍ଲାଟ ବିଭାଗର ର କର୍ମଚାରୀ ସାବାସ ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ

ରାଉରକେଲା, ୮/୧ (ନି/ପ୍ର):ରାଉରକେଲା ଇସ୍ପାତ କାରଖାନାର ପାଇପ୍ ପ୍ଲାଟ ବିଭାଗ ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଚଏସ ଏମ-୧, ସି ଆର ଏମ , ଏସ ଏସ ଏମ , ପି ପି ଏବଂ ଆର ଏସ ବିଭାଗର ସି କି ଏମ ଶ୍ରୀ ସୁବ୍ରତ କୁମାର, ଅଧିକାରୀ ସମେତ ୧୨ ଜଣ କର୍ମଚାରୀଙ୍କୁ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ସାବାସ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ପାଇପ ପ୍ଲାଟ ବିଭାଗର ଜିଏମ ଜନ-ଚାର୍ଜ ମନନ ଉଦିନ ଲସ୍କର ଙ୍କ ସମେତ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଉପବୋଧନ ଦେଇ ଶ୍ରୀ କୁମାର ବିଭାଗର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ପାଇଁ ପୁରସ୍କାର ବିଜେତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ସଂଗଠନରେ ଉତ୍କର୍ଷତାର ସଂସ୍କୃତି ଆଣିବା ପାଇଁ ଅଭିନବ ଭାବରେ ସହଯୋଗ କରି ଅନ୍ୟମାନଙ୍କୁ ଉତ୍ସାହିତ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଯୋଜନା ରେ ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ହେଉଛନ୍ତି ଏଜିଏମ ଶ୍ରୀ ଦପନ କୁମାର ପଣ୍ଡା , ମ୍ୟାନେଜର,ଶ୍ରୀ ଏସ୍ ଏସ ବେହେରା, ଏମ ଓ ଏମ ଟି ଶ୍ରୀ ପି କେ ସାମନ୍ତସିଂହାର, ସିନିୟର ଅପରେଟିଭ୍ ଶ୍ରୀ ସୁଭାଷ କୁମାର ଦାସ, ଏଜିଏମ୍ ଶ୍ରୀ ଅରୁଣ କୁମାର ବେହେରା, ଜୁନିଅର ଅଫିସର ଶ୍ରୀ ମନୋଜ କୁମାର ପ୍ରଧାନ, ସିନିୟର ଅପରେଟିଭ୍ ଶ୍ରୀ ଦେବେନ୍ଦ୍ର କୁମାର ନାୟକ,, ଅପରେଟର ଶ୍ରୀ ନିକାମ୍ବର ନାୟକ, ସିନିୟର ଅପରେଟିଭ୍ ଶ୍ରୀ ମନୋଜ କୁମାର କବି, ଏମ ଓ ଏମ ଟି ଶ୍ରୀ ନିରଞ୍ଜନ ପଟେଲ, ସିନିୟର ଟେକ୍ନିସିଆନ ଶ୍ରୀ ଦେବେନ୍ଦ୍ର କୁମାର ପଣ୍ଡା ଏବଂ ଟେକ୍ନିସିଆନ୍ ଶ୍ରୀ ବିଶ୍ବ ଏନ ହେମ୍ବ୍ରାମ । ବିଭାଗରେ ସମ୍ମାନିତ ବିଜିନ୍ସ ଅଭିନବ ପ୍ରକଳ୍ପ ଓ ପ୍ରୟାସ ପାଇଁ ସାବାସ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପାଇପ୍ ପ୍ଲାଟ ର ଜିଏମ ଶ୍ରୀ ଅନିମାଶ ଚୌଧୁରୀ ସଂଯୋଜନା କରିଥିଲେ ।